
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୧ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 31 OCTOBER 2023
Vol.No. 34 ■ No. 285■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନେତାନ୍ୟାହୁଙ୍କୁ ବାଇଡେନଙ୍କ ଅପିଲ

### ନିରୀହ ନାଗରିକଙ୍କ ଜୀବନ ରକ୍ଷା କରାଯାଉ





ନୂଆଦିଲ୍ଲୀ,୩୦/୧୦ : ଦିନ ବଢୁଛି, ଉଗ୍ର ହେଉଛି ଯୁଦ୍ଧ । ଜଳ, ସ୍ଥଳ, ଆକାଶ । କୋଣ ଅନୁକୋଣରୁ ହମାସ ଆତଙ୍କୀଙ୍କୁ ଖୋଜି ଖୋଜି ମାରିବାକୁ ପଣ ନେଇଛି ଇସ୍ରାଏଲ ସେନା । ୨୪ଦିନରେ ଯୁଦ୍ଧ ପହଁଚିବା ସହ ଉଭୟ ପଟୁ ହଜାର ହଜାର ସଂଖ୍ୟକ ନୀରିହ ଲୋକଙ୍କ ଜୀବନ ଯାଉଛି । ଏହା ଭିତରେ ଯୁଦ୍ଧକୁ ଅଧିକ ଜୋରଦାର କରିଛି ଇସ୍ରାଏଲ ସେନା ।ଗାଜରେ ଚାରିପଟୁ ଚାଲିଛି ଘନ ଘନ ଆକ୍ରମଣ । ସେପଟେ ଇସ୍ରାଏଲକୁ ଅପିଲ କରିଛି ଆମେରିକା । ହମାସକୁ ମାରିବା ଲକ୍ଷ୍ୟରେ ଗାଜାର ନୀରିହ ଲୋକଙ୍କ ଜୀବନ ରକ୍ଷା ଉପରେ ଇସ୍ରାଏଲ ଧ୍ୟାନ ଦେଉ ବୋଲି କହିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ ଅନ୍ୟପଟେ ଗାଜାରେ ରିଲିଫ ପହଁଚି ନପାରିବାରୁ ଭୋକଉପାସରେ ଗାଜାବାସୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ଆଶଙ୍କା ପ୍ରକାଶ କରିଛି ମିଳିତ ଜାତିସଂଘ । ହଜାର ହଜାର ସଂଖ୍ୟକ ଲୋକଙ୍କୁ ନେଇ ଚାଲିଛି ପ୍ରଦର୍ଶନ । ଏହି ପ୍ରଦର୍ଶନ ପାଲେଷ୍ଟାଇନ ସମର୍ଥନରେ କରାଯାଉଛି । ଅଷ୍ଟ୍ରେଲିଆ, ବିଟ୍ରେନ, ଆମେରିକା, ଭାରତ. ଜାକାର୍ତା, ମାଲେସିଆ, ଜର୍ମାନୀ, ସମେତ ବିଭିନ୍ନ ଦକ୍ଷିଣ କୋରିଆ, ରୋମ, ଷ୍ଟକହୋମ ରାଷ୍ଟ୍ରରେ ବିଶାଳ ରାଲି କରି ପାଲେଷ୍ଟାଇନ ସପକ୍ଷରେ ତେଜୁଛି ଆନ୍ଦୋଳନ । ଗୋଟେ ପଟେ ଇସ୍ରାଲଏ ପ୍ରଧାନମନ୍ତ୍ରୀ ବେଂଜାମିନ ନେତନ୍ୟାହୁ ଯୁଦ୍ଧର ସେକେଣ୍ଡ ଇନିଂସ ଆରମ୍ଭ ହୋଇଥିବା ନେଇ ହମାସକୁ ଚେତାଇଥିବାବେଳେ ସେପଟେ ହମାସ ମଧ୍ୟ ପଣବନ୍ଦୀଙ୍କୁ ମୁକୁଳାଇବା ପାଇଁ ସର୍ତ ରଖିଛି । ଇସ୍ରାଏଲରେ ବନ୍ଦ ଥିବା ପାଲେଷ୍ଟାଇନ ବନ୍ଦୀଙ୍କ ବଦଳରେ ପଣବନ୍ଦୀଙ୍କୁ ମୁକୁଳାଇବାକୁ ସର୍ତ ରଖିଛି ହମାସ । ଯୁଦ୍ଧର ସେକେଣ୍ଡ ଇନିଂସ ଆରମ୍ଭ ହୋଇଛି । ସେପଟେ ଗାଜାରେ ଗ୍ରାଉଣ୍ଡ ଅପରେସନ ଜୋରଦାର କରିବାକୁ ପ୍ରସ୍ତୁତ ହେଉଛି ଇସ୍ରାଏଲ । ତେଣୁ ନିଜ ସୈନିକଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି । କୁହାଯାଏ ଆଇଡିଏଫ ନିକଟରେ ୪ଟି ଘାତକ ୟୁନିଟ ରହିଛି । ଯାହା ଶତ୍ରୁଙ୍କୁ ସବୁପଥରୁ ଆକ୍ରମଣ କରି ନିପାତ କରିବାରେ ସକ୍ଷମ । ଇସ୍ରାଏଲର ଧମକ ସତ୍ୱେ ଯୁଦ୍ଧ ଭିତରେ ସ୍ପେଶ ଏକ୍ସ ମୁଖ୍ୟ ଏଲନ ମସ୍କଙ୍କ ଏଣ୍ଟ୍ରି ହୋଇଛି । ଗାଜାରେ ୪ଦିନ ହେବ ଇଂଟରନେଟ ସେବା ଠପ ହୋଇଥିବାବେଳେ ଏହାକୁ ପୁଣି ସକ୍ରିୟ କରିବାକୁ ମସ୍କ ଆଗେଇ ଆସିଛନ୍ତି ମସ୍କ । ଗାଜାରେ କାମ କରୁଥିବା ବିଭିନ୍ନ ସଂସ୍ଥାକୁ ଷ୍ଟାରଲିଙ୍କ ପକ୍ଷରୁ କମ୍ୟୁନିକେଶନ କନେକ୍ସନ ଉପଲବ୍ଧ କରିବାକୁ ମସ୍କ ଘୋଷଣା କରିଛନ୍ତି ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ଜାରି କଲା ଇଡି



ନୂଆଦିଲ୍ଲୀ,୩୦/୧୦ : ଆମ୍ ଆଦ୍‌ମୀ ପାର୍ଟିର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ଜାରି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଦିଲ୍ଲୀ ଅବକାରୀ ନୀତିକୁ ନେଇ ରୁଜୁ ହୋଇଥିବା ମନି ଲଣ୍ଡରିଂ ମାମଲାରେ ଇଡି ଆଜି ତାଙ୍କୁ ସମନ କରିଛି । ନଭେମ୍ବର ୨ ତାରିଖରେ ଇଡି ନିକଟରେ ହାଜର ହେବା ପାଇଁ ଅରବିନ୍ଦ କେଜ୍ରିୱାଲଙ୍କୁ କୁହାଯାଇଛି । ଗତ ଏପ୍ରିଲ ମାସରେ ଏହି ମାମଲାରେ ତାଙ୍କୁ ସିବିଆଇ ମଧ୍ୟ ସମନ ଜାରି କରିଥିଲା । ସେ ସିବିଆଇରେ ହାଜର ହୋଇଥିଲେ । ଦିଲ୍ଲୀ ଅବକାରୀ ନୀତିକୁ ନେଇ ରୁଜୁ ହୋଇଥିବା ମନି ଲଣ୍ଡରିଂ ମାମଲାରେ ପୂର୍ବରୁ ଗିରଫ ହୋଇଛନ୍ତି ଅନ୍ୟତମ ଆପ୍ ନେତା ତଥା ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ । ଗତ ଫେବ୍ରୁଆରୀ ମାସରେ ତାଙ୍କୁ ଗିରଫ କରାଯାଇଥିଲା । ସେହିପରି ଏହି ମାମଲାରେ ଗତ ଅକ୍ଟୋବର ୪ ତାରିଖରେ ଗିରଫ ହୋଇଛନ୍ତି ଆପ୍ ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ । ▶▶ପୃଷ୍ଠା ୭

## ସ୍କ୍ରବ ଟାଇଫସ୍ ପାଇଁ ରାଜ୍ୟକୁ ଦାୟୀ କଲେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ସ୍କ୍ରବ୍ ଟାଇଫସରେ ଆକ୍ରାନ୍ତ ହୋଇ ୮ଜଣଙ୍କ ମୃତ୍ୟୁ ହେବା ଘଟଣାରେ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ ଟିମ୍ ଦାୟୀ କରିଛନ୍ତି । ବିଳମ୍ବରେ ରୋଗ ଚିହ୍ନଟ ଓ ଚିକିତ୍ସା ଯୋଗୁ ଏହି ଲୋକମାନଙ୍କ ମୃତ୍ୟୁ ଘଟିଥିବା କେନ୍ଦ୍ରୀୟ ଟିମ୍ କହିଛନ୍ତି । ଚଳିତବର୍ଷ ସ୍କ୍ରବ ଟାଇଫସର ପ୍ରାୟ ୨୮୦୦ ମାମଲା ପଦାକୁ ଆସିଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧରେ ସ୍କ୍ରବ ଟାଇଫସ୍ ପ୍ରଭାବିତ ପଶ୍ଚିମଓଡ଼ିଶା ଗସ୍ତରେ ଆସି କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁରର ସ୍ଥିତି ପରଖିବା ସହ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ କରି ଫେରି ଯାଇଥିଲେ । କେନ୍ଦ୍ରୀୟ ଟିମ୍ ତାଙ୍କ ଅନ୍ତରୀଣ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ସ୍କ୍ରବ ଟାଇଫସ୍ ଚିହ୍ନଟ, ହସ୍ପିଟାଲରେ ଭର୍ତ୍ତି ଓ ଚିକିତ୍ସାରେ ଅବହେଳା ଯୋଗୁ କିଛି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ସ୍କ୍ରବ ଟାଇଫସ ଆକ୍ରାନ୍ତ ହୋଇଥିବା ଅଧିକାଂଶ ଲୋକଙ୍କର ଘର ଜଙ୍ଗଲ ଅବା ଚାଷ ଜମି ଥିବା ଅଂଚଳରେ । ସେମାନେ ଖାଲି ପାଦରେ ଜମିକୁ ଯିବା ସହ ପରିଛନ୍ନତା ଅଭାବରୁ ଏହି ସଂକ୍ରମଣ ଅଧିକ ବ୍ୟାପିଥିଲା । କେନ୍ଦ୍ରୀୟ ଟିମ୍ ମଧ୍ୟ ଏସବୁ ଅଂଚଳରେ ଲୋକଙ୍କୁ ନିୟମିତ ଭାବେ ସଚେତନ କରିବା ସହ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନେ ଯେଭଳି ରୋଗର ଆଗୁଆ ଚିହ୍ନଟ କରିପାରିବେ ସେ ସମ୍ପର୍କରେ ସେମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ ପରାମର୍ଶ ଦେଇଥିବା ନେଇ ଏକ ଦୈନିକ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି ।

## ଅସହ୍ୟ ହେଲା ବାପା ଓ ସାବତ ମା'ଙ୍କ ନିର୍ଯାତନା: ଘରୁ ଲୁଚି ପଳାଉଥିବା ବେଳେ ଭାଇଭଉଣୀଙ୍କୁ ଉଦ୍ଧାର କଲେ ଲୋକେ



କଟକ, ୩୦/୧୦ (ନି.ପ୍ର): ବାପା ଓ ସାବତ ମା'ଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଅସହ୍ୟ ହେବାରୁ ଦୁଇ ଭାଇଭଉଣୀ ଘରୁ ଲୁଚି ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଅନ୍ୟପକ୍ଷରେ ପୁଲିସ୍ ସେମାନଙ୍କ ସାବତ ମା'ଙ୍କୁ ଥାନାରେ ଅଟକ ରଖିଛି । କଟକ ଜିଲ୍ଲା ଆଠଗଡ଼ ଥାନା ଅଶୋକ ନଗର ଅଞ୍ଚଳରେ । ବାଙ୍କୀ ପାର୍ଥପୁର ଅଞ୍ଚଳର ସୁନୀଲ କୁମାର ନନ୍ଦ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ି (ଛାଡ଼ପତ୍ର ହୋଇନାହିଁ) ଯାଜପୁର ଅଞ୍ଚଳର ଜଣେ ମହିଳାଙ୍କୁ ଧରି ଆଠଗଡ଼ର ଅଶୋକ ନଗରରେ ଭଡ଼ା ଘରେ ରହୁଛନ୍ତି । ସୁନୀଲଙ୍କ ପତ୍ନୀ ତାଙ୍କ ବାପ ଘରେ ରହୁଛନ୍ତି । କିନ୍ତୁ ସୁନୀଲ ତାଙ୍କର ଦୁଇ ଛୁଆ- ୧୩ ବର୍ଷର ପୁଅ ଓ ▶▶ପୃଷ୍ଠା ୭

## ସରିଲା ଟ୍ରାକ୍ ମରାମତି: ଗଲା ପ୍ରଶାନ୍ତି ଏକ୍ସପ୍ରେସ୍



ପଲାସା, ୩୦/୧୦ (ନି.ପ୍ର): ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ ମରାମତି ସରିବା ପରେ ଗଡ଼ିଲା ଟ୍ରେନ୍ । ଅପ୍ ଲାଇନ୍‌ରେ ଟ୍ରାଏଲ୍ ରନ୍ ପରେ ଚାଲିଲା ଏକ୍ସପ୍ରେସ ଟ୍ରେନ୍ । ମରାମତି ପରେ ଅର୍ଥାତ ଅପରାହ୍ନ ୨ଟା ୩୬ ମିନିଟ୍‌ରେ ଚାଲିଲା ପ୍ରଶାନ୍ତି ଏକ୍ସପ୍ରେସ୍ । ଏକ୍ସପ୍ରେସ ଟ୍ରେନ ଚାଲିବା ନେଇ ରେଲୱେ ସୂଚନା ଦେଇଛି । ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ବିଶାଖାପାଟଣା-ପଲାସା ପାସେଞ୍ଜର ଟ୍ରେନ୍‌କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର । ଦୁର୍ଘଟଣା ପରେ ପଲାସା ପାସେଞ୍ଜର କିଛି ବଗି ଅନ୍ୟ ଟ୍ରାକ୍‌ରେ ପଡ଼ିଥିଲେ । ସେହି ଟ୍ରାକ୍‌ରେ ଆସୁଥିବା ମାଲ୍‌ବାହୀ ଟ୍ରେନ୍ ପାଲାସା ପାସେଞ୍ଜ ବଗିକୁ ଧକ୍କା ଦେଇଥିଲେ । ଯେଉଁଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର ଓ ମରାମତି କାମ ଚାଲିଛି । ଟ୍ରାକ୍ ଉପରେ ପଡ଼ିଥିବା ବଗି ଗୁଡ଼ିକୁ ହଟା ଯାଉଛି । ଏଥିସହ ଟ୍ରାକ୍ ମରାମତି ଓ ବଦ୍ୟୁତ୍ କନେକସନ୍ ଦିଆଯାଉଛି । ମରାମତି କାମରେ ୯୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଅପରାହ୍ଣ ଅପରାହ୍ନ ୨ଟା ୩୬ ୪ଟାରେ ଟ୍ରାକ୍ ମରାମତି କାମ ସରିଲା । ଟ୍ରାକ୍ ମରାମତି ପରେ ପ୍ରଥମେ ଟ୍ରାଏଲ୍ ହେଲା । ତା'ପରେ ପ୍ରଶାନ୍ତି ଏକ୍ସପ୍ରେସ ଯାଇଛି । ଅନ୍ୟପକ୍ଷରେ ଦୁର୍ଘଟଣା ସ୍ଥଳରୁ ବିଶାଖାପାଟଣା-ପଲାସା ପାସେଞ୍ଜର ଟ୍ରେନର ୧୧ଟି କୋଚକୁ ପରବର୍ତ୍ତୀ ଷ୍ଟେସନ୍ ଆଲମଣ୍ଡା ଷ୍ଟେସନକୁ ନିଆଯାଇଛି । ସେହିପରି ବିଶାଖାପାଟଣା-ରାୟଗଡା ପାସେଞ୍ଜର ଟ୍ରେନର ୯ଟି ବଗିକୁ ପୂର୍ବ ଷ୍ଟେସନ୍ କଣ୍ଟକପାଲିକୁ ଫେରାଇ ନିଆଯାଇଛି । ବାକି କୋଚ୍ ଗୁଡ଼ିକ ଟ୍ରାକ୍ ପାର୍ଶ୍ୱରେ ପଡ଼ି ରହିଛି ।

## ଓଲିଉଡ୍ କଳି, ସୋସିଆଲ ମିଡିଆରେ ଚାଲିଛି ଆରୋପ: ପ୍ରତ୍ୟାରୋପ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଦିନକୁ ଦିନ ତେଜିବାରେ ଲାଗିଛି ଓଲିଉଡ କଳି । ସୋସିଆଲ ମିଡିଆରେ ଚାଲିଛି ପ୍ରଶ୍ନ-ଉତ୍ତର । ବିବାଦ ଦିନକୁ ଦିନ ବଢିଚାଲିଥିବା ବେଳେ ଗତକାଲି ଏକାଠି ବସି ସମସ୍ୟାର ସମାଧାନ ପାଇଁ ଅଭିନେତା ମନୋଜଙ୍କୁ ଅନୁରୋଧ କରିଥିଲେ ଅରିନ୍ଦମ । ତେବେ ଆଜି ଅରିନ୍ଦମଙ୍କ ଅନୁରୋଧ ଉପରେ ପ୍ରତିକ୍ରିୟା ରଖିଛନ୍ତି ଅଭିନେତା ମନୋଜ ମିଶ୍ର । ମୋ ସହିତ କ'ଣ ସମାଧାନ କରିବାକୁ ଚାହୁଁଛ ବୋଲି ଅରିନ୍ଦମଙ୍କୁ ସୋସିଆଲ ମିଡିଆରେ ପ୍ରଶ୍ନ କରିଛନ୍ତି ମନୋଜ । ସେ କହିଛନ୍ତି ଯେ, ସେ ରାମ ଫିଲ୍ମକୁ ବିରୋଧ କରି ନାହାନ୍ତି କି କାହାକୁ ବି ଅଟକାଇବାକୁ କହି ନାହାନ୍ତି । ବିନା ତଥ୍ୟରେ ଟୁଟୁ ନାୟକ ଏବଂ ତାଙ୍କ ସହଯୋଗୀ ମତେ ବ୍ୟାନ କରିଥିବାରୁ ମାଇଣ୍ଡ ଫିଲ୍ମର ବହୁତ କ୍ଷତି ହୋଇଛି । ପ୍ରଥମେ ଟୁଟୁ ନାୟକ କାହିଁକି ବ୍ୟାନ କରିଛନ୍ତି ସେନେଇ କୁହନ୍ତୁ । ମାଇଣ୍ଡ ଗେମ୍ସ ସାରା ଓଡ଼ିଶାରେ ରିଲିଜ୍ କରାନ୍ତୁ ତାପରେ ଆମେ ବସି ସମାଧାନ କରିବା ବୋଲି ଭିଡିଓରେ କହିଛନ୍ତି ମନୋଜ । ଅନ୍ୟପଟେ ଅଭିନେତା ମନୋଜ ମିଶ୍ରଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛି ପ୍ରଯୋଜକ ସଂଘ । ଟୁଟୁ ନାୟକ ଏକା ନୁହନ୍ତି, ପୂରା ସଂଘର ସହମତିରେ ମନୋଜ ମିଶ୍ରଙ୍କୁ ବ୍ୟାନ କରାଯାଇଛି ।

## ମୋଦୀଙ୍କ ଉପହାର, ପ୍ରିୟଙ୍କାଙ୍କ ପ୍ରତିଶ୍ରୁତି





ନୂଆଦିଲ୍ଲୀ,୩୦/୧୦ : ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଜ୍ୟବାସୀଙ୍କୁ ୬ହଜାର କୋଟି ଟଙ୍କା ପ୍ରକଳ୍ପର ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଗୁଜରାଟର ବନାସକାଂଟରେ ମୋଦୀ ବିରାଟ ରୋଡ ଶୋ କରିଛନ୍ତି । ରୋଡ ଶୋ ପରେ ଗୁଜରାଟର ଅମ୍ବାଜି ମନ୍ଦିରରେ ପହଂଚି ପୂଜାର୍ଚ୍ଚନା କରିଥିଲେ ପ୍ରଧାନମନ୍ତ୍ରୀ । ମଙ୍ଗଳବାର ସକାଳ ୮ଟାରେ ସେ କେଭଡିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଷ୍ଟାଚ୍ୟୁ ଅଫ୍ ୟୁନିଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ, ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଅଂଶଗ୍ରହଣ କରିବେ ।

## ରାଜଭବନରେ ରଘୁବର ଦାସ: ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି, ଆଜି ନେବେ ଶପଥ



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ଆଜି ରାଜଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରମିଳା ମଲ୍ଲିକ ସ୍ୱାଗତ କରିଛନ୍ତି । ଆସନ୍ତାକାଲି ଶ୍ରୀ ଦାସ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ନେବେ । ରାଜଭବନର ଅଭିଷେକ ହଲରେ ଆସନ୍ତାକାଲି ଦିନ ୧୧ଟା ୪୫ମିନିଟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, ଶ୍ରୀ ଦାସ ନିଜ ସମ୍ପର୍କୀୟ ଓ ପରିବାର ସଦସ୍ୟଙ୍କ ସହ ଟ୍ରେନ ଯୋଗେ ଆଜି ସକାଳେ ପୁରୀରେ ପହଂଚିବା ପରେ ସେଠାରେ ତାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ପୁରୀ ଜିଲ୍ଲାପାଳ ଓ ଏସପି ସ୍ୱାଗତ କରିଥିଲେ । ପୁରୀ ରାଜଭବନରେ ବିଶ୍ରାମ କରିବା ପରେ ଶ୍ରୀ ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ । ସିଂହଦ୍ୱାର ସମ୍ମୁଖରେ ତାଙ୍କୁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ୱାଗତ କରିଥିଲେ । ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରୀ ଦାସ ଭୁବନେଶ୍ୱର ରାଜଭବନ ଆସିଥିଲେ । ▶▶ପୃଷ୍ଠା ୭

## ବିଧାୟକଙ୍କ ଘରେ ନିଆଁ ଲଗାଇଦେଲେ ଆନ୍ଦୋଳନକାରୀ

ନୂଆଦିଲ୍ଲୀ,୩୦/୧୦ : ହୁ ହୁ ଜଳିଲା ବିଧାୟକଙ୍କ ଘର । ଆନ୍ଦୋଳନକାରୀମାନେ ବିଧାୟକଙ୍କ ଘରେ ଲଗାଇଦେଲେ ନିଆଁ । ମହାରାଷ୍ଟ୍ରରେ ମରାଠା ଆରକ୍ଷଣ ପାଇଁ ଆନ୍ଦୋଳନ କରୁଥିବା ଲୋକେ ଏନ୍‌ସିପି ବିଧାୟକଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି । କେବଳ ସେତିକି ନୁହେଁ ତାଙ୍କ ଘରେ ବ୍ୟାପକ ଭଙ୍ଗା ରୁଜା ମଧ୍ୟ କରିଛନ୍ତି । ଏହି ପୂରା ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମରାଠା ଆରକ୍ଷଣକୁ ନେଇ ଏବେ ଆନ୍ଦୋଳନକାରୀମାନେ ହିଂସକ ହୋଇପଡିଛନ୍ତି । ଏନ୍‌ସିପି ବିଧାୟକ ପ୍ରକାଶ ସଲୋଙ୍କିଙ୍କ ଘରେ ଆନ୍ଦୋଳନକାରୀମାନେ ନିଆଁ ଲଗାଇ ଦେଇଛନ୍ତି । ଘରର ବେସ୍‌ମେଣ୍ଟରେ ରଖା ହୋଇଥିବା ଗାଡିରେ ପ୍ରଥମେ ଆନ୍ଦୋଳନକାରୀମାନେ ନିଆଁ ଲଗାଇଥିଲେ । ପରେ ଏହା ଭୟଙ୍କର ରୂପ ନେଇଥିଲା । ଦେଖୁ ଦେଖୁ ଏହି ନିଆଁ ପୂରା ଘରକୁ ବ୍ୟାପି ଯାଇଥିଲା । ପୂରା ଅଞ୍ଚଳରେ କଳା ଧୂଆଁର ଚାଦର ଢ଼ାଙ୍କି ହୋଇଯାଇଥିଲା । ଏହି ଘଟଣା ପରେ ବିଧାୟକ ପ୍ରକାଶ ସଲୋଙ୍କି କହିଛନ୍ତି, ଯେଉଁ ସମୟରେ ବିକ୍ଷୋଭକାରୀମାନେ ଘରେ ନିଆଁ ଲଗାଇଥିଲେ ସେହି ▶▶ପୃଷ୍ଠା ୭



## ନଭେମ୍ବର ୨୭ରୁ କଟକ ବାଲିଯାତ୍ରା: ଆରମ୍ଭ ହେଲା ପ୍ଲଟ୍ ପଞ୍ଜିକରଣ

କଟକ, ୩୦/୧୦ (ନି.ପ୍ର): ଆସନ୍ତା ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ ଐତିହାସିକ କଟକ ବାଲିଯାତ୍ରା । ୮ ଦିନ ଧରି ହେବାକୁ ଥିବା ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର କରିବା ପାଇଁ ଲକ୍ଷ୍ୟ ରଖିଛି ପ୍ରଶାସନ । ସେଥିପାଇଁ ଆଜିଠାରୁ ଆରମ୍ଭ ହୋଇଛି ପ୍ଲଟ୍ ପଞ୍ଜିକରଣ କାର୍ଯ୍ୟ । ବାଲିଯାତ୍ରା ଷ୍ଟଲ ପାଇଁ ପୃଷ୍ଠପୋଷକଙ୍କ ପଞ୍ଜିକରଣ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ସାଧାରଣ ବ୍ୟବସାୟୀଙ୍କ ପାଇଁ ପଞ୍ଜିକରଣ ନଭେମ୍ବର ୪ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ପରେ ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟ ଷ୍ଟଲ ନିଲାମ କରାଯିବ । ▶▶ପୃଷ୍ଠା ୭

# ଦୀପାବଳିରେ ଦେଶବାସୀଙ୍କ ସ୍ୱେଦର ମହକ ଥିବା ବସ୍ତୁରେ ଘରକୁ ଆଲୋକିତ କରିବାକୁ ମୋଦିଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୩୦/୧୦ (ନି.ପ୍ର): ଆତ୍ମନିର୍ଭର ଭାରତ ପାଇଁ ପର୍ବପର୍ବାଣୀରେ ଭୋକାଲ୍ ଫର୍ ଲୋକାଲକୁ ଅଗ୍ରାଧିକାର ଦେବାକୁ ଆହ୍ୱାନ ଦେଇଛନ୍ତି ପିଏମ ମୋଦି । ଏହାଦ୍ୱାରା ଆମର ଆତ୍ମନିର୍ଭର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ କହିଛନ୍ତି ।

ଆଗକୁ ଦୀପାବଳି ଆସୁଥିବାରୁ ଭାରତୀୟଙ୍କ ଦ୍ୱାରା ନିର୍ମିତ ଦ୍ରବ୍ୟ କିଣିବାକୁ କହିଛନ୍ତି ପିଏମ ମୋଦି । ସେ କହିଛନ୍ତି ଯେ, ଆମେ ମିଶିକରି ସେହି ସ୍ୱପ୍ନକୁ ପୂରଣ କରିବା । ଆମର ସ୍ୱପ୍ନ ହେଉଛି ଆତ୍ମନିର୍ଭର ଭାରତ । ଏଥର ସେହିଭଳି ବସ୍ତୁ ଦ୍ୱାରା ଘରକୁ ଆଲୋକିତ କରନ୍ତୁ, ଯେଉଁଥିରେ ମୋର କୌଣସି ଦେଶବାସୀର ସ୍ୱେଦର ମହକ ଥିବ, ମୋ ଦେଶର କୌଣସି ଯୁବକର ପ୍ରତିଭା ଥିବ, ସେହି ଜିନିଷ ତିଆରି ହେବାରେ ମୋ ଦେଶବାସୀ ରୋଜଗାର ପାଇଥିବେ । ଆମ ଦୈନନ୍ଦିନ ଆବଶ୍ୟକତାର ଯେକୌଣସି ଜିନିଷ ହେଉ, ଆମେ କେବଳ ଲୋକାଲ୍ ହିଁ କିଣିବା । କିନ୍ତୁ ଆଉ ଗୋଟିଏ କଥା ଉପରେ ଆପଣଙ୍କୁ ଦୃଷ୍ଟି ଦେବାକୁ ହେବ । ଭୋକାଲ୍ ଫର୍ ଲୋକାଲ୍ର ଏହି ଭାବନା କେବଳ ଉତ୍ସବ ସମୟର କିଣାକିଣି ମଧ୍ୟରେ ସୀମିତ ନୁହେଁ, କାରଣ ମୁଁ ଦେଖିଛି ଯେ, ଦୀପାବଳୀ ପାଇଁ ମାଟି ଦୀପ କିଣି ସେ କଥାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଲେଖନ୍ତି ଭୋକାଲ୍ ଫର୍ ଲୋକାଲ୍ । ଆମକୁ ଆହୁରି ବହୁତ ଆଗକୁ ଯିବାକୁ ହେବ । ଜୀବନର ପ୍ରତ୍ୟେକ ଆବଶ୍ୟକତା - ଏବେ ଆମ ଦେଶରେ ସବୁ କିଛି ଉପଲବ୍ଧ । ଏହି ଦୃଷ୍ଟିଭଙ୍ଗୀ କେବଳ ଉଠାଦୋକାନୀ ଏବଂ ଛୋଟ ବ୍ୟବସାୟୀଙ୍କ ଠାରୁ ଜିନିଷ କିଣିବା ଯାଏଁ ସୀମିତ ନୁହେଁ । ଭାରତ ଆଜି ବିଶ୍ୱର ସବୁଠାରୁ ବଡ଼ ମାନ୍ୟୁଫାକ୍ଚରିଙ୍ଗ ହବ୍ ହେବାକୁ ଯାଉଛି । ଅନେକ ବଡ଼ ବଡ଼ ବ୍ରାଣ୍ଡ ଏଠାରେ ହିଁ ତାଙ୍କ ପ୍ରଡକ୍ଟ ଉତ୍ପାଦନ କରୁଛନ୍ତି । ଆମେ ଯଦି ସେହି ପ୍ରଡକ୍ଟଗୁଡ଼ିକୁ ଆପଣାଇବା ତାହେଲେ ମେକ୍ ଇନ୍ ଇଣ୍ଡିଆ ଚିନ୍ତାଧାରା ପ୍ରୋତ୍ସାହିତ ହେବ । ଏହା ମଧ୍ୟ ପ୍ରକାରାନ୍ତରେ ଭୋକାଲ୍ ଫର୍ ଲୋକାଲ୍ର ଅନୁସରଣ । ଆଉ ହଁ, ଏଭଳି ପ୍ରଡକ୍ଟ କ୍ରୟ କରିବା ସମୟରେ ଆମ ଦେଶର ଗୌରବ ୟୁ.ପି.ଆଇ. ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଦ୍ୱାରା ନେଣଦେଣ କରିବା ପାଇଁ ଆଗ୍ରହୀ ହେବେ, ଏହାକୁ ଜୀବନର ଏକ ଅଭ୍ୟାସରେ ପରିଣତ କରିବେ । ଆଉ, ସେହି ବସ୍ତୁ କିମ୍ବା ସେହି କାରିଗର ସହିତ ଉଠାଇଥିବା ସେଲ୍ଫିକୁ ନମୋ ଆପ୍ରେ ମୋ ସହ ଶେୟାର କରିବେ, ଆଉ ତାହା ବି ମେଡ୍ ଇନ୍ ଇଣ୍ଡିଆ-ସ୍ମାର୍ଟଫୋନ ଦ୍ୱାରା । ସେହି ପୋଷ୍ଟଗୁଡ଼ିକ ମଧ୍ୟରୁ କିଛିକୁ ମୁଁ ସାମାଜିକ ଗଣମାଧ୍ୟମରେ ଶେୟାର କରିବି, ଯାହାଫଳରେ ଅନ୍ୟମାନେ ମଧ୍ୟ ଭୋକାଲ୍ ଫର୍ ଲୋକାଲ୍ ପାଇଁ ଅନୁପ୍ରାଣିତ ହେବେ ।

ଯଦି ଆପଣ ଭାରତରେ ନିର୍ମିତ, ଭାରତୀୟମାନଙ୍କ ଦ୍ୱାରା ନିର୍ମିତ ଦ୍ରବ୍ୟଗୁଡ଼ିକ ସହିତ ଦୀପାବଳୀ ପାଳନ କରିବେ, ନିଜ ପରିବାରର ପ୍ରତ୍ୟେକ ଛୋଟ-ବଡ଼ ଆବଶ୍ୟକତା ଲୋକାଲ୍ ଜିନିଷ ଦ୍ୱାରା ପୂରଣ କରିବେ, ତାହେଲେ ଦୀପାବଳୀର ଚମକ ତ ଆହୁରି ବଢ଼ିଯିବ, ତା ସହିତ ସେହି କାରିଗରମାନଙ୍କ ଜୀବନରେ ଗୋଟିଏ ନୂତନ ଦୀପାବଳୀ ଆସିବ, ଜୀବନରେ ଏକ ନବପ୍ରଭାତ ଆସିବ, ସେମାନଙ୍କ ଜୀବନ ସରସ-ସୁନ୍ଦର ହେବ । ଭାରତକୁ ଆତ୍ମନିର୍ଭର କରନ୍ତୁ । ମେକ୍ ଇନ୍ ଇଣ୍ଡିଆ ହିଁ ବାଛନ୍ତୁ, ଯାହାଫଳରେ ଆପଣଙ୍କ ସହିତ ଆହୁରି କୋଟି କୋଟି ଲୋକଙ୍କ ଦୀପାବଳୀ ମଧ୍ୟ ସୁନ୍ଦର ହେବ, ଆନନ୍ଦଦାୟକ ହେବ, ଉଜ୍ଜ୍ୱଳ ହେବ, ଉତ୍ସାହଜନକ ହେବ ।

# ଲେଖକ ସାମ୍ମୁଖ୍ୟର ଶାରଦୀୟ ସାହିତ୍ୟ ସୃଜନ ସମାବେଶ

କନ୍ଧମାଳ, ୩୦/୧୦ (ନି.ପ୍ର): ଜିଲ୍ଲା ଲେଖକ ସାମ୍ମୁଖ୍ୟ ପରିସରରେ ଶାରଦୀୟ ସାହିତ୍ୟ ସୃଜନ ତଥା ମାସାନ୍ତ ରବିବାସରୀୟ ସାହିତ୍ୟ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବନ ବିହାରୀ ନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି କୈଳାଶ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଉପସ୍ଥିତ କବିମାନେ ନିଜ ନିଜ କବିତା ସମ୍ପର୍କରେ ସମ୍ୟକ ଧାରଣା ଦେଇ କବିତା ପଠନ କରିଥିଲେ । କବି ମୋହନ ଦିଗାଲ, ନାଭିଦତ୍ୟ ଦିଗାଲ, ସୋମନାଥ ସାହୁ, ନବ କିଶୋର ରଥ, ନବୀନ କିଶୋର ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ବୈଜୟନ୍ତୀମାଳା ମହାପାତ୍ର, ହରପ୍ରିୟା ମିଶ୍ର, ପ୍ରସନ୍ନ ପଣ୍ଡା, ରାମକୃଷ୍ଣ ବେହେରା, ବନ ବିହାରୀ ନନ୍ଦ, ରବୀନ୍ଦ୍ର ନାଥ ମିଶ୍ର, କୈଳାଶ ଚନ୍ଦ୍ର ଧଳ, ନବାଗତା ଯୁବ ପ୍ରତିଭା କେରେଡ଼ି ଡାଙ୍ଗୁଲୁର ଶ୍ୱେତାଲିନ ବେହେରା ସ୍ୱ ରଚିତ କବିତା ପାଠ କରିଥିଲେ ।

ଏହି ଅବସରରେ ତାଳଚେରର ମାନସ ନନ୍ଦଙ୍କ ସମ୍ପାଦିତ ବିଭାବନାର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା ବେଳେ ଲେଖକ ସାମ୍ମୁଖ୍ୟର ଶୁଭେଚ୍ଛୁ ବିପ୍ର ଚରଣ ପାତ୍ରଙ୍କ ପଂଚସ୍ତରୀତମ ଜନ୍ମ ଜୟନ୍ତୀ ଅବସରରେ ଉନ୍ମୋଚିତ ଅଭିନନ୍ଦନିକାକୁ ବଂଟନ କରାଯାଇଥିଲା । କୋଷାଧ୍ୟକ୍ଷ କୁମାର କୁନ୍ଦନ ସିଂ, ସଂଗଠନ ସମ୍ପାଦକ ପ୍ରସନ୍ନ ପଣ୍ଡା, ସହ ସମ୍ପାଦକ କୈଳାଶ ଚନ୍ଦ୍ର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସମ୍ପାଦକ ବନ ବିହାରୀନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି କନ୍ଧମାଳର କବିମାନଙ୍କର ନିର୍ବାଚିତ କବିତାକୁ ନେଇ ଏକ ପୁସ୍ତକ କନ୍ଧମାଳର କବି ଓ କବିତା ପ୍ରକାଶନ କରିବା ପାଇଁ ଘୋଷଣା କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଠିକ୍‌ରେ ଟଙ୍କା ମିଳୁନଥିବା ଅଭିଯୋଗ

ମାଲକାନଗିରି, ୩୦/୧୦ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଚାଲାଣଗୁଡା ପଂଚାୟତ ଏମଭି ୪ ଗାଁର ୫୦ ବର୍ଷୀୟ ମହିଳା ସୀତା ହାଲଦାର । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ସେ ଆବେଦନ କରିଥିଲେ । ଏହାରି ଭିତରେ ତାଙ୍କ ବ୍ୟାଙ୍କ ଖାତାରେ ୪୦ ହଜାର ଟଙ୍କା ଜମା ହୋଇଥିଲା । ଯାହାକୁ ସେ ପରବର୍ତ୍ତି ସମୟରେ ଉଠାଇ ଖର୍ଚ୍ଚ କରିଥିଲେ । କିନ୍ତୁ, ତାଙ୍କ କାର୍ଯ୍ୟାଦେଶ ହୋଇନଥିବା ଜଣାପଡିବା ପରେ ଏବେ ତାଙ୍କୁ ଟଙ୍କା ଫେରାଇ ଦେବାକୁ ଚାପ ପକାଯାଉଛି । ଏପରିକି ତାଙ୍କ ପିଡିଏସ ସାମଗ୍ରୀ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ମାଲକାନଗିରି ଏମଭି ୮ ଗାଁର ନାଥୁରାମ ମଣ୍ଡଳଙ୍କ ସ୍ତ୍ରୀ ହରିଦାସୀ ମଣ୍ଡଳ ଗତ ଜୁନ ୬ ତାରିଖରେ କାର୍ଯ୍ୟାଦେଶ ପାଇଛନ୍ତି । କିନ୍ତୁ, ଏଯାଏଁ ତାଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ମିଳି ନାହିଁ । ତାଙ୍କ ଟଙ୍କା ଆଉ କାହା ଆକାଉଂଟକୁ ଚାଲି ଯାଇଥିବା ହରିଦାସୀଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ୨୦୨୧-୨୨ ତାଲିକା ଅନୁଯାୟୀ, ମୋଟ ୨୧ ହଜାର ୯୧୮ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେଥିରୁ ୯୮ ପ୍ରତିଶତରୁ ଅଧିକ ଅର୍ଥାତ ୨୧ ହଜାର ୫୫୩ ଜଣଙ୍କ ଆକାଉଂଟକୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ପଠା ଯାଇଛି । ମାତ୍ର ୧୪.୬୯ ପ୍ରତିଶତ ଅର୍ଥାତ ୩୨୧୯ ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ପଠାଯାଇଛି । ତେବେ ଜିଲ୍ଲାରେ ମାତ୍ର ୧୨୫୮ ହିତାଧିକାରୀ ଘର ନିର୍ମାଣ କରି ସାରିଛନ୍ତି ।

# ବଲାଙ୍ଗିରରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ

ବଲାଙ୍ଗିର, ୩୦/୧୦ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବଲାଙ୍ଗିରଙ୍କ ଆନୁକୂଲ୍ୟରେ ଖଣ୍ଡୀୟ ବନ ଅଧିକାରୀ ବଲାଙ୍ଗିରଙ୍କ କାର୍ଯ୍ୟାଳୟ ସଭା ଗୃହଠାରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ - ୨୦୨୩ ପାଳିତ ହୋଇଛି । ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତି ଦେବକୀ ସାହୁ ଯୋଗଦେଇ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇବା ମାତ୍ରେ ସତର୍କତା ଅବଲମ୍ବନ କଲେ ଅନେକାଂଶରେ ଧନ ଜୀବନ ରକ୍ଷା କରାଯାଇପାରିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଓ ଜନ ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିବାକୁ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ନିତୀଶ କୁମାର ଯୋଗଦେଇ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠିର ଭୂମିକା ଓ ଯୁବ ସମାଜ କିଭଳି ଭାବରେ ବିପର୍ଯ୍ୟୟକୁ ହ୍ରାସ କରିପାରିବେ ସେହି ଉପରେ ଆଲୋକପାତ କରିଥିଲେ । ସହକାରୀ ଅଗ୍ନିଶମ ଅଧିକାରୀ ରବୀନ୍ଦ୍ର କୁମାର ପରିଡା, ଅଗ୍ନି ନିରାପତା ଓ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବିଭାଗର ଭୂମିକା ଉପରେ ଉପରେ ବୁଝାଇ ଥିଲେ । ଓଡ୍ରାଫ ୟୁନିଟ, ବଲାଙ୍ଗିରର ପ୍ରଶିକ୍ଷକ ଏବଂ ବଲାଙ୍ଗିର ବିପର୍ଯ୍ୟୟ ପରିଚାଳନା ୟୁନିଟର ପରାମର୍ଶଦାତା ବିକାଶ ରଞ୍ଜନ କର ବିପର୍ଯ୍ୟୟ ପରିଚାଳନା ତଥା ବିଭିନ୍ନ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଆପଦାମିତ୍ର ସ୍ୱେଚ୍ଛାସେବୀଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ ।

ସଭା ପରେ ଓଡ୍ରାଫ ୟୁନିଟ ଓ ଅଗ୍ନିଶମ ବିଭାଗ ବଲାଙ୍ଗିରର କର୍ମଚାରୀ ମାନେ ବିପର୍ଯ୍ୟୟର ମୁକାବିଲା, ଉଦ୍ଧାର ଓ ଥଇଥାନ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ଓ ମକଡ୍ରିଲ ପ୍ରଦର୍ଶନ କରିଥିଲେ । ଶେଷରେ ବିପର୍ଯ୍ୟୟ ପରିଚାଳନା ୟୁନିଟର ପରାମର୍ଶଦାତା ଶ୍ରୀ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆପଦାମିତ୍ର ସ୍ୱେଚ୍ଛାସେବୀ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ୟୁନିଟ ବଲାଙ୍ଗିରର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ଜିଲ୍ଲା ଜରୁରୀ ଶାଖାର ବରିଷ୍ଠ ରାଜସ୍ୱ ସହାୟକ ଜୟନ୍ତ ବେହେରା ଏବଂ ବୈଷୟିକ ସହାୟକ ଇଶାନେଶ୍ୱର ମିଶ୍ର ସହଯୋଗ କରିଥିଲେ ।

# ଧର୍ମଶାଳା ଦେଉଳି ଭବନକୁ ନେଇ ଦ୍ୱନ୍ଦ୍ୱ: ନିଲାମରେ ଚଂଚକତା ଅଭିଯୋଗ

ଧର୍ମଶାଳା, ୩୦/୧୦ (ନି.ପ୍ର): ବହୁ ବାଦ ବିବାଦକୁ ନେଇ ଯାଜପୁର ଜିଲା ଧର୍ମଶାଳା ବ୍ଲକସ୍ଥିତ ଜାରକା ଦେଉଳି ଭବନ ବନ୍ଦ ରହିଥିଲା । ହେଲେ ବିବାଦ ତୁଟିବା ପରେ ଦେଉଳି ଭବନର ତାଲା ଫିଟିବା ନେଇ ଏକ ପ୍ରକାର ବାଟ ଖୋଲିଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ବାବା ଗୋକର୍ଣ୍ଣେଶ୍ୱର ମହାସଂଘକୁ ଲିଜ୍ ଦିଆଯାଇଛି । ଧର୍ମଶାଳା ବ୍ଲକ କୁମାରୀ ପଂଚାୟତ ଦେଉଳି ଭବନ ଲିଜ୍ କୁ ନେଇ ଗତ ଛଅ ମାସ ଧରି ଲାଗି ରହିଥିବା ବାଦ ବିବାଦର ଅନ୍ତ ଘଟିଛି । ଲିଜ୍ ରେ ଅନିୟମିତତାକୁ ନେଇ ତତ୍କାଳୀନ ଲିଜଧାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଯାହା ଫଳରେ ଏହା ଦୀର୍ଘ ଦିନ ଧରି ପଡି ରହିଥିଲା । ଅପରପକ୍ଷେ ବାବା ଗୋକର୍ଣ୍ଣେଶ୍ୱର ମହାସଂଘ କର୍ମକର୍ତାମାନେ ମହାସଂଘ ତରଫରୁ ଦେଉଳି ଭବନକୁ ଲିଜ୍ ରେ ନେବା ପାଇଁ ଜିଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ ମାଧ୍ୟମରେ ନିବେଦନ କରିଥିଲେ । ଗତ ପଂଚାୟତ ସମିତି ବୈଠକରେ ସର୍ବସମ୍ମତି କ୍ରମେ ଦେଉଳି ଭବନକୁ ଗୋକର୍ଣ୍ଣେଶ୍ୱର ମହାସଂଘକୁ ଲିଜ୍ ଆକାରରେ ଦେବା ପାଇଁ ଯାଜପୁର ଜିଲାପାଳଙ୍କୁ ଆବେଦନ କରାଯାଇଥିଲା । ଯାଜପୁର ଜିଲାପାଳ ଏହାକୁ ସ୍ୱୀକୃତି ପ୍ରଦାନ କରି ୧ ଲକ୍ଷ ୧୮ ହଜାର ଟଙ୍କା ବାର୍ଷିକ ମୂଲ୍ୟରେ ବାବା ଗୋକର୍ଣ୍ଣେଶ୍ୱର ମହାସଂଘକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ପତ୍ର ସଂଖ୍ୟା ଅନୁଯାୟୀ, ବ୍ଲକ ପ୍ରଶାସନ ଦେଉଳି ଭବନକୁ ଗୋକର୍ଣ୍ଣେଶ୍ୱର ମହାସଂଘକୁ ଲିଜ୍ ଆକାରରେ ପ୍ରଦାନ କରି ଏହାକୁ ହସ୍ତାନ୍ତର କରିଥିବାରୁ ଜିଲାପାଳ ଓ ବ୍ଲକ ପ୍ରଶାସନକୁ ମହାସଂଘ କୃତଜ୍ଞତା ଜଣାଇଥିଲା । ତେବେ ଏହି ଲିଜ୍ ଘଟଣାକୁ ନେଇ ଦେଉଳି ଭବନ ନିଲାମରେ ଚଂଚକତା କରି ବାବା ଗୋକର୍ଣ୍ଣେଶ୍ୱର ମହାସଂଘ ନାମରେ ହୋଇଥିବା ନେଇ ପୂର୍ବ ନିଜ୍ ଧାରୀ ରଂଜନ କୁମାର ପାଳ ପାଲଟା ଅଭିଯୋଗ କରିଛନ୍ତି । ମହାସଂଘ ନାମରେ ଲିଜ୍ ହେବା ଜାଣିବା ପରେ ରଂଜନ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ତେବେ ଏହି ଘଟଣାକୁ ନେଇ ଦେଉଳି ଭବନକୁ ନେଇ ଦ୍ୱନ୍ଦ ଏବେ ଚରମ ସୀମାରେ ପଂହଚିଛି ।

# ପିସ୍ତଲ ଦେଖାଇ ଧମକ ମାମଲାରେ ଜଣେ ଗିରଫ

ଜୟପୁର, ୩୦/୧୦ (ନି.ପ୍ର): ପିସ୍ତଲ ଦେଖାଇ ଧମକ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଉମୁରି ଗ୍ରାମର ପ୍ରବିର ନାଗ । ପୋଲିସର ସୂଚନା ଅନୁଯାୟୀ, ଉମୁରି ଗ୍ରାମର ଲଳିତା ଖୋସଲା (୪୦) ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ ଯେ, ଗତ ୨୩.୧୦.୨୩ରେ ରାତ୍ର ସମୟରେ ଲଳିତାଙ୍କ ପୁଅ ଦିପକ ଖୋସାଲ ଏକ ହୋଟେଲରେ ଥିବା ବେଳେ ଉମୁରି ଗ୍ରାମର କେତେ ଜଣ ଯୁବକ ମିଶି ଗାଳିଗୁଲଜ କରିବା ସହ ମୁଣ୍ଡରେ ପିସ୍ତଲ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ପ୍ରବିର ନାଗକୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ମାମଲାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ୩୦ ଗୋଟି ପଂଚାୟତକୁ ନେଇ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା

ପୁରୀ, ୩୦/୧୦ (ନି.ପ୍ର): ଚନ୍ଦନପୁର ନିକଟ ରଘୁରାଜପୁର ସ୍ଥିତ ପୋଲାଙ୍ଗତୋଟା ଠାରେ ଆରମ୍ଭ ୨୦୨୪ ପାଇଁ ପୁରୀ ସଦର ୩୦ ଗୋଟି ପଂଚାୟତର ପ୍ରତିଯୋଗୀମାନଙ୍କୁ ନେଇ ଚାଲିଥିବା ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା ଦଶମ ଦିନରେ ପହଂଚିଛି । ପୁରୀ ସଦରର ଚାଳିଶି ବାଟିଆ ଗ୍ରାମପଂଚାୟତକୁ ନେଇ ସଙ୍ଗୀତ, ନୃତ୍ୟ, ଝୋଟି, ହୂଳହୁଳି, ଆଧ୍ୟାତ୍ମିକ ପ୍ରଶ୍ନଉତର କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି । ଏହି ପ୍ରତିଯୋଗିତା ୩୦ ଗୋଟି ପଂଚାୟତରେ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ଭାଗନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଜାନୁଆରୀ ୨୦୨୪ ରେ ହେବାକୁ ଥିବା ଆରମ୍ଭର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଆଜିର କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଂଟିଆ, ସଦର ବ୍ଲକ ଚେୟାରମେନ ଦିବାକର ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର୍ ମିଶ୍ର, ଯୁବ ସମାଜସେବୀ ଅଭିନାଶ ମିଶ୍ର ଓ ସୁବର୍ଣ୍ଣ ଅଳଙ୍କାର ତରଫରୁ ଅଭିଷେକ ବିନାନି ଅତିଥି ଭାବେ ଯୋଗ ଦେଇଥିଲେ । ଜାତୀୟ ଚଳଚିତ୍ର ପୁରସ୍କାର ପ୍ରାପ୍ତ ଆଶୁତୋଷ ପଟ୍ଟନାୟକ, ଉପ ସଭାପତି ସମୀର୍ କୁମାର ଶତପଥୀ, ସମ୍ପାଦକ ଦେବାଶିଷ ସିଂ, ରାକେଶ ଜେନା, ସୋମ୍ୟରଞ୍ଜନ ମିଶ୍ର, ଗଣେଶ୍ୱର ଦାସ୍, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଆଶିଷ ବେହେରା, ବିଶ୍ୱଜିତ୍ ଦାସ୍, ସୁଜିତ୍ ରାଉତରାୟ, ଜ୍ୟୋତି ରଞ୍ଜନ ମେକାପ, ପ୍ରଣୟ କୁମାର ରଣସିଂହ, ସନ୍ତୋଷ କୁମାର ବିନ୍ଧାଣି, ଆଶିଷ ବେହେରା, ଅଭିନାସ୍ ସାହୁ ପରିଚାଳନା କରିଥିଲେ ।

# ସଡ଼କ ଦୁର୍ଘଟଣାରେ ପୂର୍ବତନ ୱାର୍ଡ଼ ସଭ୍ୟାଙ୍କର ପରଲୋକ

କୋରେଇ, ୩୦/୧୦ (ନି.ପ୍ର): ୨୦ ନମ୍ବର ଜାତୀୟ ରାଜପଥର କୋରାଇ ଥାନା ଅନ୍ତର୍ଗତ ଆଲିଆ ଛକ ନିକଟରେ ଗତ ମଙ୍ଗଳବାର ରାତିରେ ଏକ ସ୍କୁଟିକୁ ଅଜଣା ଗାଡ଼ି ସାଇଡ଼ ମାରିଦେବାରୁ ସ୍କୁଟିରୁ ପଡ଼ି ପାଣିକୋଇଲି ପଂଚାୟତର ପୂର୍ବତନ ୱାର୍ଡ଼ ସଭ୍ୟା କବିତା ମହାନ୍ତି (୪୬) ଗୁରୁତର ଭାବେ ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ଆଜି ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଛି ।

କବିତା ସ୍ୱାମୀ ରମାକାନ୍ତଙ୍କ ସହିତ ଯାଜପୁର ରୋଡ଼ରୁ ଏକ ସ୍କୁଟି ନଂ (ଓଡ଼ି୩୪ ଆର ୫୩୯୩)ରେ ଘରକୁ ଫେରୁଥିବା ବେଳେ ଉକ୍ତ ଦୁର୍ଘଟଣା ଘଟିଥିଲା । କବିତାଙ୍କୁ ଚେତାଶୁନ୍ୟ ଅବସ୍ଥାରେ ଯାଜପୁର ରୋଡ଼ କ୍ଷେତ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ତାଙ୍କର ପଛପାଖ ମୁଣ୍ଡ ମାଡ଼ ହୋଇଯାଇଥିବାରୁ ସେ କୋମାକୁ ଚାଲିଯାଇଥିଲେ । ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । କବିତା ଜଣେ ମେଳାପି ଓ ପରୋପକାରୀ ମହିଳା ଥିଲେ ।

କବିତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡା, ପୂର୍ବତନ ସମିତି ସଭ୍ୟ ଜହର ଅଲ୍ଲୀ, କେଶବ ରାଓ ଭୁକ୍ତା, ମା ତାରିଣୀଙ୍କ ମନ୍ଦିର ପୂଜକ ସୂର୍ଯ୍ୟମଣୀ ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁ, ବନୋଜ ଜେନା, ନିମାଇଁ ମଲ୍ଲିକଙ୍କ ସମେତ ପଂଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ସମ୍ବଲପୁର, ୩୦/୧୦ (ନି.ପ୍ର): ଜିଲ୍ଲାସ୍ତରୀୟ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷର ବିଷୟ ''ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡିଶା'' ରହିଥିବା ବେଳେ ୧୯୯୯ ମହାବାତ୍ୟା ଦ୍ୱାରା ଓଡିଶାର କ୍ଷୟକ୍ଷତି ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଗୋଷ୍ଠୀ ସଶକ୍ତିକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ତାଲିମ ଯେପରିକି ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ଯନ୍ତ୍ରପାତିର ବ୍ୟବହାର, ପ୍ରାଥମିକ ଚିକିତ୍ସା, ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା, ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ପ୍ରଶମନର ଆବଶ୍ୟକତା ତଥା ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଲୋକଙ୍କର ଯୋଗଦାନ ଏବଂ ଏହାର ଉପାଦେୟତା ବିଷୟ ଉପରେ ମଂଚାସୀନ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ରବିବାର ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉପସ୍ଥିତ ମହଲ ବୈଠକରେ ବିପର୍ଯ୍ୟୟ ମୁକାବିଲାରେ ସମସ୍ତେ ଆଗକୁ ଆସି ସହଯୋଗ କରିବାକୁ ନେଇ ଶପଥ ପାଠ କରିଥିଲେ । ପରେ ପରେ ଜିଲ୍ଲା ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ତରଫରୁ ସଚେତନତାମୂଳକ ଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ ପି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଆଦିତ୍ୟ ପଣ୍ଡା, ଜରୁରୀ କାଳୀନ ବିଭାଗର ଡିପିଓ ଗୀତାଞ୍ଜଳି ସା, ଜିଲ୍ଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଉମୁରି ବସଷ୍ଟାଣ୍ଡ ନିକଟରେ ଗୁଳିଚାଳନା ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଜୟପୁର, ୩୦/୧୦ (ନି.ପ୍ର): ଜୟପୁର ଉମୁରି ବସଷ୍ଟାଣ୍ଡ ନିକଟରେ ଗତ ୨୪ ତାରିଖରେ ଗୁଳିଚାଳନା ଘଟଣାରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଉମୁରି ଗାଁର ବାଦଲ ବାଘ । ଗୁଳିଚାଳନା ଘଟଣାରେ ପୂର୍ବରୁ ଜୟପୁର ସଦର ଥାନା ପୋଲିସ ଉମୁରିର ସଞ୍ଜିବ ଖୋସଲାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ବାଦଲ ବାଘକୁ ଗିରଫ କରି କୋର୍ଟ ଚାଲଣ କରିଛି । ଏଠାରେ ସୂଚନା ଯୋଗୁ ଗତ ୨୪ ତାରିଖ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉମୁରି ଗାଁର କାର୍ତ୍ତିକ ବାଘ, ରଞ୍ଜିତ ବାଘ, ଗୌତମ ବାଘ କିଛି ସହଯୋଗୀଙ୍କ ସହ ମିଶି ସୁରେନ୍ଦ୍ର ନାୟକ, ସଞ୍ଜୟ ସୁନାର ଓ ସେମାନଙ୍କର ସାଥୀଙ୍କ ଉପରକୁ ଉମୁରି ବସଷ୍ଟାଣ୍ଡ ନିକଟରେ ଗୁଳି ଚଳାଇଥିଲେ । ଏପରିକି ସୁରେନ୍ଦ୍ର ନାୟକ ଓ ସଞ୍ଜୟ ସୁନାର ଘରେ ନଥିବା ବେଳେ ଘରେ ପଶି ଭଙ୍ଗାରୁଜା କରିଥିଲେ । ଅଭିଯୁକ୍ତ ମାନେ ଘର ଲୋକଙ୍କୁ ଧମକ ଚମକ ଦେଇ ପିସ୍ତଲ ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ତେବେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚିବାରୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ । ଏହି ଘଟଣାରେ ପୋଲିସ ଗତ ୨୬ ତାରିଖରେ ଉମୁରିର ସଞ୍ଜିବ ଖୋସଲାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ବାଦଲ ବାଘକୁ ଗିରଫ କରି କୋର୍ଟ ଚାଲଣ କରିଛି । ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସଦର ଥାନା ଅଧିକାର ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଟ୍ରେନ ରହଣି ଦାବିରେ ରେଳରୋକ: ଅଟକିଛି ୪ରୁ ଅଧିକ ଏକ୍ସପ୍ରେସ ଟ୍ରେନ




ରାଉରକେଲା, ୩୦/୧୦ (ନି.ପ୍ର): କରୋନା ପୂର୍ବରୁ ବିଶ୍ରା ଷ୍ଟେସନରେ ଅଟକୁଥିବା ସମସ୍ତ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ ରହଣି ଦାବିରେ ବିଶ୍ରା ପବ୍ଲିକ ଆକ୍ସନ କମିଟି ପକ୍ଷରୁ ବିଶ୍ରା ଷ୍ଟେସନରେ ରେଳରୋକ କରାଯାଇଛି । ଆବାହକ ପ୍ରଦୀପ ରାଉତରାୟ ଓ ପୂର୍ବତନ ବିଧାୟକ ଜର୍ଜ ତୀର୍କୀଙ୍କ ନେତୃତ୍ୱରେ ଚାରିଶହରୁ ଅଧିକ ସ୍ଥାନୀୟ ବାସିନ୍ଦା ରେଳଧାରଣାରେ ବସି ରହିଛନ୍ତି । ସକାଳ ସାତଟାରୁ ଧାରଣା ଜାରି ରହିଛି । ଏହାଫଳରେ ହାୱଡା – ମୁମ୍ବାଇ ମୁଖ୍ୟ ଲାଇନରେ ଯାତାୟାତ କରୁଥିବା ମାଲଗାଡ଼ି ସମେତ ମନୋହରପୁରରେ ଉତ୍କଳ ଏକ୍ସପ୍ରେସ, ରାଜଗାଙ୍ଗପୁରରେ ଗୀତାଞ୍ଜଳି ଏକ୍ସପ୍ରେସ, ରାଉରକେଲାରେ ଅହମଦାବାଦ- ହାୱଡା, ସମ୍ବଲପୁର ଷ୍ଟେସନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ଅଟକି ରହିଛି । ଘଣ୍ଟା ଘଣ୍ଟା ଧରି ଟ୍ରେନ ଅଟକି ରହିଥିବାରୁ ଯାତ୍ରୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ସେପଟେ ଯେ ପର୍ଯ୍ୟନ୍ତ ଟ୍ରେନ ରହଣି ପାଇଁ ଲିଖିତ ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ରେଳ ଲାଇନରୁ ହଟିବେ ନାହିଁ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଛନ୍ତି । ରେଳବାଇର ବରିଷ୍ଠ ଅଧିକାରୀ ପହଞ୍ଚି ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତାଙ୍କୁ ବୁଝାସୁଝା କରୁଛନ୍ତି । କରୋନା ପୂର୍ବରୁ ବିଶ୍ରା ଷ୍ଟେସନରେ ସମଲେଶ୍ୱରୀ, ଉତ୍କଳ, ଇସ୍ପାତ ଓ ବୋକାରୋ, ଆଲେପି ଏକ୍ସପ୍ରେସ ରହୁଥିଲା । ଦୁଇ ବର୍ଷ ଧରି ଏହି ଟ୍ରେନଗୁଡ଼ିକ ରହୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ବଡଦାଣ୍ଡ ସେବା ପକ୍ଷରୁ ଭକ୍ତଙ୍କୁ ଧୋତି ସେବା

ପୁରୀ, ୩୦/୧୦ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ କ୍ଷୁଦ୍ର ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ ନ କରିବା ପାଇଁ ବାରଣ କରାଯାଇଛି । ଏବେ ଭକ୍ତଙ୍କୁ ସଚେତନ କରାଯାଉଛି । ନୂଆବର୍ଷରୁ ଏହି ନିୟମ ଲାଗୁ କରାଯିବ । ‘ବଡଦାଣ୍ଡ ସେବା‘ ତରଫରୁ ଆଜି ଧୋତି ସେବା କାର୍ଯ୍ୟ ଆରମ୍ଭ କରାଯାଇ ଭକ୍ତଙ୍କୁ ସଚେତନ କରାଯାଇଛି । ସଂଗଠନ ତରଫରୁ ଧୋତି ସେବା କାର୍ଯ୍ୟ ଭକ୍ତଙ୍କୁ ଯୋଗାଇ ଦିଆଯାଇଥିଲା । ଶ୍ରୀମନ୍ଦିର ସେବାୟତଙ୍କ ଉପସ୍ଥିତିରେ ଭକ୍ତଙ୍କୁ ଧୋତି ପିନ୍ଧାଇ ସଚେତନତା ସୃଷ୍ଟି କରାଯାଇଥିଲା । ବଡଦାଣ୍ଡ ସେବାର ସୂର୍ଯ୍ୟକାନ୍ତ ନାୟକ, ଆଲୋକ ବାରିକ୍, ଜଗନ୍ନାଥ ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ମାନବିକତା ଦେଖାଇଲେ ବିଏସଏଫ ଯବାନ: ଗୁରୁତର ମହିଳାଙ୍କୁ ନେଲେ ମେଡିକାଲ

ମାଲକାନଗିରି, ୩୦/୧୦ (ନି.ପ୍ର): ମାନବିକତା ଦେଖାଇଲେ ବିଏସଏଫ ଯବାନ । ମାଲକାନଗିରିର ଦୁର୍ଗମ ଦିଶାରୀଗୁଡ଼ା ଗାଁର ଗୁରୁତର ମହିଳାଙ୍କୁ ନିଜ ବୋଟରେ ମେଡିକାଲକୁ ପଠାଇଛନ୍ତି ବିଏସଏଫ ଯବାନ । ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ଜଣ ମହିଳା ପାରିବାରିକ କଳହରୁ ଗତକାଲି ରାତିରେ ବିଷ ପିଇଦେଇଥିଲେ । ଏନେଇ ମହିଳାଙ୍କ ସ୍ୱାମୀ ନିକଟରେ ଥିବା ବିଏସଏଫ ବାଟାଲିୟନକୁ ଖବର ଦେଇଥିଲେ । ତୁରନ୍ତ ବିଏସଏଫ ପକ୍ଷରୁ ନିଜ ବୋଟ ଓ ଆଉ ଏକ ଏସ୍କର୍ଟ ବୋଟ ଯୋଗେ ଗୁରୁତର ମହିଳା ପାନ ପାଙ୍ଗିଙ୍କୁ ୧୪ କିଲୋମିଟର ଦୂରରେ ଥିବା ଘନବେଡା କ୍ୟାମ୍ପକୁ ଆଣି ସେଠାରୁ ନିଜ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେଇଥିଲେ । ବର୍ତମାନ ପାନ ପାଙ୍ଗିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି ।

## ଆଗ୍ନେୟଗିରିକୁ ଫୋପାଡ଼ନ୍ତି



ଇଣ୍ଡୋନେସିଆର ରୋବୋଲିଙ୍ଗରେ ବସବାସ କରୁଥିବା ନେଙ୍ଗେରିସ ସମ୍ପ୍ରଦାୟର ଲୋକମାନେ ରୋଗ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଏକ ଅଜବ ପରମ୍ପରା ପାଳନ କରିଥାନ୍ତି। ଏହାକୁ ୟାଦନାୟା କାସାଦା ପର୍ବ କୁହାଯାଏ। କାସାଦା ପର୍ବ ନେଙ୍ଗେରିସ୍ ଲୋକମାନଙ୍କ ମୁଖ୍ୟ ପର୍ବ। ଇଣ୍ଡୋନେସିଆର ମାଉଂଟଣ୍ଟ ବୋମୋରେ ଏହି ପର୍ବ ଅନୁଷ୍ଠିତ ହୋଇଥାଏ। ଏହାକୁ ୧୪ଦିନ ଧରି ନେଙ୍ଗେରିସ୍ ସମ୍ପ୍ରଦାୟର ଲୋକମାନେ ପାଳନ କରିଥାନ୍ତି ଏବଂ ଶେଷଦିନରେ ଜୀବନ୍ତ ପଶୁପକ୍ଷୀଙ୍କୁ ଜ୍ୱଳନ୍ତ ଆଗ୍ନେୟଗିରି ଭିତରକୁ ଫୋପାଡ଼ିଥାନ୍ତି। ଏହି ପରମ୍ପରା ବହୁ ପୁରାତନ କାଳରୁ ନେଙ୍ଗେରିସ୍ ସମ୍ପ୍ରଦାୟର ଲୋକମାନେ ପାଳନ କରି ଆସୁଛନ୍ତି। ଲୋକମାନେ ପ୍ରଥମେ ଜୀବନ୍ତ ପଶୁପକ୍ଷୀଙ୍କ ସହ ମାଉଣ୍ଟ ବୋର୍ମା ପାହାଡ଼କୁ ଚଢ଼ିଥାନ୍ତି। ଏହାପରେ ଆଗ୍ନେୟଗିରି ନିକଟରେ ପୂଜାପାଠ କରି ଚାଉଳ, ଫଳ, ପନିପରିବା, ଫୁଲ, ଟଙ୍କା ଜ୍ୱଳନ୍ତ ଆଗ୍ନେୟଗିରିକୁ ଫିଙ୍ଗିବା ପରେ ପଶୁପକ୍ଷୀଙ୍କୁ ନିକ୍ଷେପ କରିଥାନ୍ତି। କିମ୍ବଦନ୍ତୀ ଅନୁସାରେ ଏହି ପରମ୍ପରା ୧୫ଶହ ଶତାବ୍ଦୀ ବେଳୁ ଆରମ୍ଭ ହୋଇଛି। ରାଣୀ ରୋରୋ ଆଣ୍ଟେଗ ଏବଂ ରାଜା ଜୋକୋ ସେଗର ନିଃସନ୍ତାନ ଥିବାରୁ ସେମାନେ ମାଉଣ୍ଟ ବୋମାରେ ପାହାଡ଼ ଦେବୀଙ୍କୁ ପୂଜାର୍ଚ୍ଚନା କରି ୨୪ଟି ସନ୍ତାନ ପ୍ରାପ୍ତ କରିଥିଲେ। କିନ୍ତୁ ସେମାନଙ୍କ ଶେଷ ସନ୍ତାନକୁ ସେମାନେ ଅଗ୍ନୟଗିରିକୁ ଫୋପାଡ଼ି ପାହାଡ଼ ଦେବୀଙ୍କୁ ବଳିଦାନ ଦେଇଥିଲେ।

## ସବୁଠୁ ବଡ଼ ଭର୍ଟିକାଲ ଗାର୍ଡେନ

କଲମ୍ବିଆ, ବଗୋଟା ସହର ମଝାମଝି ରହିଛି ଏମିତି ଏକ ଅଟ୍ଟାଳିକା, ଯାହା ପାଲଟିଛି ସାରା ପୃଥିବୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ। କାରଣ ଉକ୍ତ ଅଟ୍ଟାଳିକାଟି ଆଚ୍ଛାଦିତ ହୋଇ ରଳହିଛି ଘନ ସବୁଜିମାରେ। ଆଜି ପର୍ଯ୍ୟନ୍ତ ସହରା*ଳରେ ତିଆରି କରାଯାଇଥିବା ବଗିଚା ମଧ୍ୟରେ ଏହା ହେଉଛି ସବୁଠାରୁ ଖାସ୍ ଓ ଆଶ୍ଚର୍ଯ୍ୟଜନକ। କାରଣ ଏହି ବଗିଚା ରହିଛି ଭୂଲମ୍ବଭାବେ। ଏଡ଼ିଫିସିଓ ସା[ାଲାଇଆ ନାମକ ଉଦ୍ଭିଦ ଆଚ୍ଛାଦିତ ହୋଇ ରହିଛି ଉକ୍ତ ଅଟ୍ଟାଳିକାକୁ। ୩୩୦୦୦ ବର୍ଗ ଫୁଟର ଉକ୍ତ ଉଦ୍ଭିଦ ୧୧ ମହଲା ବିଶିଷ୍ଟ ବଗୋଟାସ୍ଥ ଏହି ଅଟ୍ଟାଳିକାକୁ ଆଚ୍ଛାଦିତ କରିଛି। ଫଳରେ ଏହାକୁ ପୃଥିବୀର ସବୁଠାରୁ ବଡ଼ ଭୂଲମ୍ବାକାର ବଗିଚା କୁହାଯାଏ। ସ୍ପେନର ଗ୍ରୀନ ଡିଜାଇନର୍ ପାଇସାଜିସ୍ମୋ ଅର୍ବାନୋ ଓ କଲମବିଆର ଗ୍ରୋନକୋଲ୍ କମ୍ପାନୀର ମିଳିତ ସହଯୋଗରେ ଉକ୍ତ ଆକର୍ଷଣ ଭୂଲମ୍ବାକାର ବଗିଚାର କାମ ୨୦୧୫ ଡିସେମ୍ବରରେ ସମାପ୍ତ ହୋଇଥିଲା। ୮ ମାସର ଯୋଜନା ଓ ଆଉ ୮ ମାସର କଠିନ ପରିଶ୍ରମ ଫଳ ସ୍ୱରୂପ ଏହା ରୂପ ପାଇଥିଲା।



ଏହି ଅଟ୍ଟାଳିକାକୁ ‘ଦି ଗ୍ରୀନ୍ ହାର୍ଟ ଅଫ୍ ବଗୋଟା’ ମଧ୍ୟ କୁହାଯାଏ। ପୃଥିବୀର ଏହି ସବୁଠାରୁ ବଡ଼ ଭୂଲମ୍ବାକାର ବଗିଚାରେ ରହିଛି ୧୦ଟି ପ୍ରଜାତି ଓ ୫ଟି ଭିନ୍ନ ବର୍ଗର ୧,୧୫,୦୦୦ଟି ଉଦ୍ଭିଦ। ଏଗୁଡ଼ିକୁ କଲମବିଆର ଚକୋରେନ ଫରେଷ୍ଟରୁ ଅଣାଯାଇଛି।




## ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ ‘ଗ୍ଲିୟା’ ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇଓ୍ୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅସ୍ମବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

## ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା’ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା’ ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ୍ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।

ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ୍ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ୍‌କୁ ପାଣିରେ ମିଶାଇ ଇଞ୍ଜେକ୍ସନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୂରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୂଟନୀତିକ କୌଶଳ...

କାତାରର ଏକ କୋର୍ଟ ଆଠଜଣ ପୂର୍ବତନ ଭାରତୀୟ ନୌବାହିନୀ କର୍ମଚାରୀଙ୍କୁ ଗୁଇନ୍ଦାଗିରି ଅଭିଯୋଗରେ ଫାଶୀ ଦଣ୍ଡ ଶୁଣାଇଛି ଯେଉଁମାନେ ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିଲେ। ଏହି ସମ୍ବାଦ ଯେତିକି ରହସ୍ୟପୂର୍ଣ୍ଣ, ସେତିକି ଦୁଃଖଦ। ଭାରତର ବର୍ହିବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ ଉଲ୍ଲେଖ କରିଛି ଯେ ଏହି ମାମଲା ଓ ପରିସ୍ଥିତି ଯେଭଳି ଭାବରେ ସମ୍ବେଦନଶୀଳ, ସେ ଦୃଷ୍ଟିରୁ ବିବେଚନା କଲେ ଏହା ବର୍ତ୍ତମାନ ନରେନ୍ଦ୍ର ମୋଦୀ ସରକାରଙ୍କ କୂଟନୀତିକ ଦକ୍ଷତାର ପ୍ରମାଣ ପାଇବା ନିମନ୍ତେ ଏକ ବଡ଼ ପରୀକ୍ଷା ବୋଲି କୁହାଯାଇପାରେ। କାତାରର କୋର୍ଟ ଯେଉଁ ଆଠଜଣ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି, ସେମାନେ ସମସ୍ତେ ସେଠାକାର ସୁରକ୍ଷା ପ୍ରତିଷ୍ଠାନକୁ ସେବା ଯୋଗାଉଥିବା ଏକ ଘରୋଇ କମ୍ପାନୀ ପାଇଁ କାମ କରୁଥିଲେ ବୋଲି ଜଣାପଡ଼ିଛି। ସ୍ପଷ୍ଟ ଭାବରେ ତେଣୁ କୁହାଯାଇପାରେ ଯେ ଭାରତ ସରକାରଙ୍କର ଏଥିରେ କୌଣସି ପ୍ରତ୍ୟକ୍ଷ ସମ୍ପୃକ୍ତି ନାହିଁ ଯେ ଏଇ ପୂର୍ବତନ ପ୍ରତିରକ୍ଷା କର୍ମଚାରୀମାନେ ବା ସେହିଭଳି ଜଣେ ଭାରତୀୟ ନାଗରିକ ବିଦେଶରେ କଣ କରୁଛନ୍ତି ବା କରିବେ, ସେଥିପାଇଁ ତାଙ୍କୁ ଦାୟୀ କରାଯାଇପାରିବ। ତେବେ ପ୍ରକାଶିତ ରିପୋର୍ଟଗୁଡ଼ିକ ଅନୁସାରେ ଉପରୋକ୍ତ ବ୍ୟାପାରରେ ଏହି ମିତ୍ର ରାଷ୍ଟ୍ର ସହିତ ଭାରତର ମିଶନ୍ ଲଗାତାର ଭାବରେ ଜଡ଼ିତ ରହିଥିଲା। ଭାରତ ଏବଂ କାତାର ସାମ୍ପ୍ରତିକ ବିଶ୍ୱ ମଂଚରେ ଦୁଇଗୋଟି ପ୍ରମୁଖ ଖେଳାଳି। ବିଦେଶୀମାନଙ୍କ କବଳରୁ ସ୍ୱାଧୀନତା ଲାଭ କରିବା ପରଠାରୁ ଭାରତ ଏହାର ଆର୍ଥିକ ବା ସାମରିକ ଶକ୍ତି ଯୋଗୁଁ ବିଶ୍ୱରେ ଶ୍ରଦ୍ଧା ସମ୍ମାନ ଲାଭ କରୁନାହିଁ, ବରଂ ତୃତୀୟ ବିଶ୍ୱର ଏକ ମୁଖପାତ୍ର ଭାବରେ ଏହା ଲାଭ କରୁଛି ଏବଂ ସେହି କାରଣରୁ ବିଶ୍ୱ ଦରବାରରେ ଏହାର ଏକ ନୈତିକ ଆଧିପତ୍ୟ ରହିଛି। ବିକଶିତ ବିଶ୍ୱର ପରିଚୟକୁ ସମଗ୍ର ବିଶ୍ୱରେ ବଜାୟ ରଖିବା ଏବଂ କୋମଳ ଶକ୍ତିକୁ ପ୍ରୟୋଗ କରିବା ନିମନ୍ତେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଥିଲା ଏକ ଉତ୍ତମ ଉପାୟ ଏବଂ ଭାରତ ଏହାର ଗଠନ ଓ ବିକାଶ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଆଜିକା ଦିନରେ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶ ଏବଂ ଏକ ଅର୍ଥନୀତିକ ଓ ସାମରିକ ଶକ୍ତି ଭାବରେ ପ୍ରତିଷ୍ଠିତ। ନାମ୍ ସମୟରୁ ଭାରତ ଯେଉଁ ପାରସ୍ପରିକ ବୁଝାମଣା କରାଇବାର କୌଶଳ ହାସଲ କରିଛି, ତାହା ଏହାକୁ ରାଷ୍ଟ୍ରୀୟ ସ୍ୱାର୍ଥକୁ ବଜାୟ ରଖି ଅନେକଗୁଡ଼ିଏ କୌଶଳପୂର୍ଣ୍ଣ ପରିସ୍ଥିତିକୁ ସଫଳତାର ସହିତ ପରିଚାଳନା କରିବାରେ ସାହାଯ୍ୟ କରିଆସିଛି, ଏମିତିକି ରୁଷ୍-ୟୁକ୍ରେନ୍ ଯୁଦ୍ଧ ତଥା ଜି-୨୦ ସମ୍ମିଳନୀ ସମୟରେ ମଧ୍ୟ। ହାରାହାରି ମାତ୍ର ତିନି ମିଲିୟନ୍ ଜନସଂଖ୍ୟା ବିଶିଷ୍ଟ ଖେଳାଳି ଭାବରେ ପରିଚିତ ଆଣି ଦେଇଛି। ବିପୁଳ ପରିମାଣର ପ୍ରାକୃତିକ ବାଷ୍ପର ଭଣ୍ଡାର ହୋଇଥିବାରୁ ଏହା କୋମଳ ଶକ୍ତିର ଅଧିକାରୀ ହେବା ସଙ୍ଗେ ସଙ୍ଗେ ଗଣମାଧ୍ୟମଗୁଡ଼ିକର ଶିରୋନାମା ପାଲଟିଥାଏ ଏବଂ ସମ୍ପୃକ୍ତ ଅଂଚଳରେ ରାଜନୀତିକ ଗତିବିଧିରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସ୍ୱାଧୀନୋତ୍ତର ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକର ଭାରତ ଭଳି ଏହା ମଧ୍ୟ ଶକ୍ତିଶାଳୀ ଦେଶମାନଙ୍କୁ ସନ୍ତୁଷ୍ଟ କରି ନିଜ ସପକ୍ଷରେ ରଖିଛି। ଯୁକ୍ତରାଷ୍ଟ୍ର ଆମେରିକାର ଏକ ସେନା ଘାଟୀକୁ ସ୍ଥାନ ଦେଇଥିବା ଏହି ଛୋଟ ଦେଶ ପ୍ରାୟତଃ ତାଲିବାନ୍ ଏବଂ ହାମାସ ଭଳି। ଆତଙ୍କବାଦୀ ଏବଂ ଆଂଚଳିକତାବାଦୀ ଗୋଷ୍ଠୀମାନଙ୍କ ତରଫରୁ ମଧ୍ୟସ୍ଥତା କରିବାଭଳି ମନେ ହୋଇଥାଏ। ଉଲ୍ଲେଖ କରାଯାଇପାରେ ଯେ କିଛି ସମାଲୋଚକ ମଧ୍ୟ ରହିଛନ୍ତି, ଯେଉଁମାନେ କାତାର ସମ୍ପୃକ୍ତ ଅଂଚଳରେ ରାଜନୀତିକ ଅସ୍ଥିରତା ସୃଷ୍ଟି କରିବାର ସାମର୍ଥ୍ୟ ବହନ କରୁଥିବାର ଅଭିଯୋଗ ଉଠାଇଥାନ୍ତି ଏବଂ ଉଲ୍ଲେଖ କରିଥାନ୍ତି ଯେ ଆରବ ଜଗତର 'ଗଣତନ୍ତ୍ରର ପ୍ରତିଷ୍ଠା' ପାଇଁ ହୋଇଥିବା ଜସ୍ମିନ୍ ବିପ୍ଳବ ଏହାର ଚତୁରତାପୂର୍ଣ୍ଣ ସମର୍ଥନ ଲାଭ କରିଥିଲା। ଏମିତିକି ଆହୁରି ମଧ୍ୟ କିଛି ସମାଲୋଚକ ଅଛନ୍ତି, ଯେଉଁମାନେ ଦାବି କରିଥାନ୍ତି କି, ଯେ ପର୍ଯ୍ୟନ୍ତ ଏହା ପଶ୍ଚିମ ଏସିଆରେ କୌଣସି ପ୍ରକାର ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ହେଉଥିବା ଉଦ୍ୟମର ଏକ ଅଂଶ ହୋଇନଥାଏ, କାତାର ସେହି ଉଦ୍ୟମକୁ ଭଣ୍ଡୁର କରି ଦେଇଥାଏ। ତେଣୁ ସାମ୍ପ୍ରତିକ ବ୍ୟାପାରରେ ଇସ୍ରାଏଲ ପାଇଁ ଉପରୋକ୍ତ ପୂର୍ବତନ ଭାରତୀୟ ନୌବାହିନୀ ଅଧିକାରୀମାନେ ଗୁଇନ୍ଦାଗିରି କରିବାର ଅଭିଯୋଗ ସହିତ ଗାଜାରେ ଇସ୍ରାଏଲର ବର୍ତ୍ତମାନର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଭାରତର ଇସ୍ରାଏଲକୁ ସମର୍ଥନ ପରିପ୍ରେକ୍ଷୀରେ ସେମାନଙ୍କୁ ଫାଶୀ ଦଣ୍ଡ ପ୍ରଦାନକୁ ଯୋଡ଼ିକରି ଦେଖାଯାଇପାରେ। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ଭାରତ କ୍ଷମତାର ସମୀକରଣ ଏବଂ ସମ୍ପୃକ୍ତ ଅଂଚଳରେ ରାଜନୀତିକ ଅସ୍ଥିରତାପୂର୍ଣ୍ଣ ବାତାବରଣ ଦୃଷ୍ଟିରୁ କାତାର ସହିତ ଉପରୋକ୍ତ ଫାଶୀ ଦଣ୍ଡାଦେଶ ପାଇଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ଆଲୋଚନା କରିବା ଏକାନ୍ତ ଆବଶ୍ୟକ। ଆରବ ରାଷ୍ଟ୍ରମାନଙ୍କ ସହିତ ଭାରତର ଐତିହାସିକ ସମ୍ପର୍କ, କାତାରର ପ୍ରାକୃତିକ ଗ୍ୟାସ୍‌ର ଏକ ବଡ଼ ଗ୍ରାହକ ଏବଂ ପ୍ରାୟ ସାତ ଲକ୍ଷ ଭାରତୀୟ ସେହି ଦେଶରେ କାମ କରୁଥିବା ଭଳି କେତେକ ପ୍ରସଙ୍ଗ ଭାରତ ସରକାରଙ୍କୁ ଏହି ମାମଲାରେ ଆଲୋଚନା କରିବା ନିମନ୍ତେ ପ୍ରବେଶ ପଥ ଦେଖାଇବ, ଯାହାକି ସେଠାକାର ଏକ ବିଚାରାଳୟ ଦ୍ୱାରା ଆପାତତଃ ନିଷ୍ପତ୍ତି ନିଆଯାଇଛି। ପ୍ରାଣ ଦଣ୍ଡାଦେଶ ପାଇଥିବା ନିଜର ଉପରୋକ୍ତ ନାଗରିକମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଭାରତକୁ ଏହି ଅଂଚଳରେ ନିଜ ବନ୍ଧୁତ୍ୱର ସମସ୍ତ ସ୍ତରକୁ ବ୍ୟବହାର କରିବା ସହିତ ଆବଶ୍ୟକ ପଡ଼ିଲେ ଅନ୍ୟାନ୍ୟ ସମସ୍ତ କୂଟନୀତିକ କୌଶଳର ଉପଯୋଗ କରିବାକୁ ପଡ଼ିବ।

## ଶସ୍ତା ଜୀବନ, ମହଙ୍ଗା ଜିନିଷ



### ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିକାଲି ପରିବର୍ତ୍ତିତ ପରିବେଶର ଆଧୁନିକତା ଦୌଡ଼ରେ ହୁଏତ ମଣିଷ ବହୁତ ଆଗକୁ ଯାଇଥାଇପାରେ, କିନ୍ତୁ ସମ୍ପର୍କ ଓ ସମ୍ପର୍କରେ ବନ୍ଧା ଜୀବନ ପଛରେ ପଡ଼ିଯାଇଛି। ସମସ୍ତଙ୍କୁ ଜାଣିବା ଓ ଚିହ୍ନିବା ସତ୍ତ୍ୱେ ଅନେକ ସମୟରେ ବ୍ୟକ୍ତି ନିଜର ସାମ୍ପ୍ରତିକ ପରିସ୍ଥିତିରୁ ମୁହଁ ଫେରାଇ ନେଇଥାଏ। ଫଳରେ ଲୋକଙ୍କ ଜୀବନ ଏକ ଅଦ୍ଭୁତ ଅଜ୍ଞତାରେ ନଷ୍ଟ ହେଉଛି । ଚମକଭରା ଜୀବନରେ ସବୁକିଛି ବହୁତ ଆକର୍ଷଣୀୟ ଓ ଆରାମଦାୟକ ଲାଗୁଛି, କିନ୍ତୁ ବାସ୍ତବରେ ଯଦି ଆପଣ ନିକଟରୁ ଦେଖିବେ ତେବେ ପରିସ୍ଥିତି ଠିକ୍ ବିପରୀତ ଦେଖାଯିବ । ଅଢ଼େଇ ଦଶନ୍ଧି ପୂର୍ବରୁ ଏହି ଜୀବନ ଅନେକ ଦୃଷ୍ଟିରୁ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଥିଲା। ବାସ୍ତବତାର ଅତି ନିକଟତର ଥିଲା।କିନ୍ତୁ ସମୟ କ୍ରମେ ସଂମ୍ପର୍କ ଗୁଡ଼ିକ ଦେଖାଣିଆ ହେବାରେ ଲାଗିଛି। ଲୋକମାନେ ପରସ୍ପରକୁ ସଂମ୍ପର୍କ ଭାବରେ କମ୍ ଏବଂ ସମ୍ବଳ ଭାବରେ ଅଧିକ ଦେଖୁଛନ୍ତି। ସରଳତା ଠାରୁ ଦୂରରେ ଥିବା ରୂପ ଓ ସ୍ୱାର୍ଥପରତାରେ ପରିପୂର୍ଣ୍ଣ ଜୀବନ ଆଜି ଅଧିକାଂଶ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଛୋଟ ଛୋଟ ପିଲାମାନ ମଧ ଏଥିରୁ ବାଦ୍ ପଡିନାହାନ୍ତି । ସେମାନେ ମଧ ବଦଳୁଥିବା ସ୍ୱାର୍ଥପରତା ଏବଂ ଆଚରଣକୁ ଦର୍ପଣ ପରି ଗ୍ରହଣ କରିଛନ୍ତି । ତେବେ ଏହାର ପରିଣାମ ଆମକୁ ଭୋଗିବାକୁ ପଡୁଛି। ଯୁବାବସ୍ଥାର ଦ୍ୱାରରେ ଥିବା ପିଲାମାନଙ୍କୁ ସୁସ୍ଥ ପରିବେଶର ଭୂମି ଦିଆଯିବା କଥା, ପୂର୍ବପୁରୁଷଙ୍କଠାରୁ ମିଳିଥିବା ମୂଲ୍ୟବୋଧର ଐତିହ୍ୟ ଓ ପରମ୍ପରାକୁ ସେମାନଙ୍କୁ ହସ୍ତାନ୍ତର କରାଯିବା ଉଚିତ୍। ଆମେ ସେମାନଙ୍କ ଚିନ୍ତାଧାରାକୁ ନକାରାତ୍ମକ ଭାବନା ପ୍ରଦାନ କରୁଛନ୍ତି। ଫଳରେ ସେମାନେ ନିଜକୁ ସବୁଠାରୁ ବିଚ୍ଛିନ୍ନ କରୁଛନ୍ତି। ଅତୀତରେ ଏବଂ ଆଜି ସମାଜର ଉଚ୍ଚ ଓ ନିମ୍ନ ଶ୍ରେଣୀ ମଧରେ ବିଶେଷ ପାର୍ଥକ୍ୟ ରହିଛି କାରଣ ଉଚ୍ଚ ଓ ନିମ୍ନ ମଧ୍ୟବିତ୍ତଙ୍କ ଜୀବନଶୈଳୀ ଏବଂ ଅଭ୍ୟାସକୁ ଦେଖିଲେ ଆକଳନ କରାଯାଇପାରିବ ଯେ ବହୁତ କିଛି ଦ୍ରୁତ ଗତିରେ ବଦଳୁଛି । ପରସ୍ପର ଠାରୁ ଅଧିକ ଉଜ୍ଜ୍ୱଳତା ଦେଖାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧରେ ପ୍ରତିଯୋଗିତା ଚାଲିଛି ଏବଂ ଆମ ପିଲାମାନେ ମଧ ଏଥିରୁ ଆଗକୁ ବଢ଼ିବା ପାଇଁ ପ୍ରତିଯୋଗିତାରେ ଏକାଠି ଠିଆ ହେଉଛନ୍ତି । ସବୁଠାରୁ ଧନୀ ଓ ସମୃଦ୍ଧ ହେବା ପାଇଁ ଆମେ ସରଳ ଜୀବନକୁ ବିଭ୍ରାନ୍ତ କରି ଏତେ ଜଟିଳ କରିଛୁ ଯେ ଏବେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ କୌଣସି ନା କୌଣସି କାରଣରୁ ଚାପଗ୍ରସ୍ତ ହୁଏ ।

ଯେଉଁମାନେ ପ୍ରକୃତ ଆବଶ୍ୟକତା ପ୍ରତି ଧ୍ୟାନ ନଦେଇ ସମାଜରେ ଶ୍ରେଷ୍ଠ ଓ ଗୌରବାନ୍ୱିତ ହେବାକୁ ଚାହାଁନ୍ତି, ସେମାନଙ୍କ ଏହି ଭୋକର ଶେଷ ଗନ୍ତବ୍ୟ ସ୍ଥଳ କେଉଁଠି ପାଇଁ ନଥାନ୍ତି । ତେଣୁ ଏହି ଦୌଡ଼ରେ ସାମିଲ ହୋଇ, ଜୀବନର ପ୍ରାକୃତିକ ରଙ୍ଗ ହରାଇ ବସନ୍ତି ।ଯେତେବେଳେ ଲୋକମାନେ ମାନବିକ ମୂଲ୍ୟବୋଧ ଏବଂ ସମ୍ବେଦନଶୀଳତା ଅପେକ୍ଷା ରୂପକୁ ପସନ୍ଦ କରନ୍ତି, ସେମାନେ ନିଜର ମହିମା ପ୍ରଦର୍ଶନକୁ ଭଲ ପାଆନ୍ତି କିମ୍ବା ଭର୍ଚୁଆଲ ଦୁନିଆର ଆନନ୍ଦକୁ ସତ ଭାବରେ ଗ୍ରହଣ କରନ୍ତି । ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ଏହି ଫ୍ୟାଶନେବଲ ଯୁଗରେ ଜିନିଷ ମହଙ୍ଗା, କିନ୍ତୁ ଜୀବନର ମୂଲ୍ୟ ବହୁତ ଶସ୍ତା । ପଇସାକୁ ନେଇ ସମ୍ପର୍କ ଗଢ଼ି ଉଠିଥାଏ ଓ ଖରାପ ହୋଇଯାଏ... ମଣିଷପଣିଆ ଏଠାରେ କିଛି ଖଣ୍ଡରେ ବିକ୍ରି ହୋଇଛି ..! ତେବେ ଏହା ନୁହେଁ ଯେ ଆମେ ଆମର ଅବାଞ୍ଛିତ ଆବଶ୍ୟକତାକୁ ରୋକିପାରିବା ନାହିଁ । ଆମକୁ କେବଳ ନିଜକୁ ବୁଝିବା ଏବଂ ଜୀବନଶୈଳୀକୁ ସରଳ ଏବଂ ଆରାମଦାୟକ କରିବା ଆବଶ୍ୟକ, ଯାହାଦ୍ୱାରା ଆଗାମୀ ସମୟରେ ଆମେ ପିଲାମାନଙ୍କୁ ଉତ୍ତମ ମନୋଭାବ ସହିତ ଏକ ସୁସ୍ଥ ଜୀବନଶୈଳୀ ଦେଇପାରିବା, ସେମାନଙ୍କୁ ଉତ୍ତମ ମଣିଷ ହେବାରେ ସାହାଯ୍ୟ କରିପାରିବା। ଏହା ବିଶ୍ୱାସ କରାଯାଇପାରେ ଯେ ପରିବର୍ତ୍ତିତ ସମୟ ସହିତ ଆମକୁ ପରିବର୍ତ୍ତନ କରିବା ର ଆବଶ୍ୟକତା ଅଛି, କିନ୍ତୁ ମାନସିକ ଚାପ ଏବଂ ଅବସାଦ ସହିତ ଏକ ଅଜ୍ଞାତ ଦୁନିଆରେ ବଦଳିବା ଉଚିତ୍ ନୁହେଁ । ପୂର୍ବରୁ ଏବଂ ଆଜି ମଣିଷର ପ୍ରକୃତ ଆବଶ୍ୟକତା ବହୁତ କମ୍।.ଆମେ କହିଥାଉ ଯେ ଦୁନିଆ ବଦଳୁଛି, ଏହାର ଅର୍ଥ ହେଉଛି ଆମର ସମ୍ପର୍କ ଏବଂ ଆମେ ସେମାନଙ୍କୁ ଗୁରୁତ୍ୱ ଦେବାର ଶୈଳୀ ମଧ ବଦଳୁଛି। ଜଣେ ବ୍ୟକ୍ତି ଯେତେ ଧନୀ ଏବଂ ସମ୍ବଳସମ୍ପନ୍ନ ହୁଅନ୍ତୁ ନା କାହିଁକି ଜୀବନଶୈଳୀକୁ ବୁଝିବାକୁ ଏବଂ ଜୀବନର ପ୍ରକୃତ ଆବଶ୍ୟକତାକୁ ବୁଝିବା ଦରକାର। ତା'ହେଲେ ହିଁ ଆମେ ଆମ ପିଲାମାନଙ୍କୁ ଘରେ ଏବଂ ବାହାରେ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ଏବଂ ଜୀବନ ପ୍ରଦାନ କରିବାକୁ ସକ୍ଷମ ହୋଇପାରିବା। ବର୍ତ୍ତମାନ ଶିକ୍ଷା ସହିତ ଉଚ୍ଚ ମାନବିକ ମୂଲ୍ୟବୋଧ ସମ୍ପନ୍ନ ପିଲାଙ୍କ ମଧ୍ୟରେ ସୁସ୍ଥ ଚିନ୍ତାଧାରା, ସରଳ ଓ କୋମଳ ପ୍ରକୃତିର ବିକାଶ ଅତ୍ୟନ୍ତ ଜରୁରୀ । ଆଜି କାଲି ପିଲାଙ୍କ ଆକ୍ରମଣାତ୍ମକ ସ୍ୱଭାବକୁ ଆରାମଦାୟକ କରିବା ପାଇଁ ସେମାନଙ୍କୁ ପ୍ରକୃତି ସହ ଯୋଡ଼ି ସେମାନଙ୍କର ଦୁର୍ବଳ ମନକୁ ମଧ ମଜବୁତ କରାଯାଇପାରିବ । ଏକାଠି ଚିନ୍ତା କରି ଆଗକୁ ବଢ଼ିବା ସହିତ ସମାଜରେ ଯେଉଁ ସଂକୀର୍ଣ୍ଣ ବିଚାରଧାରା ବୃଦ୍ଧି ପାଉଛି, ତାକୁ ବଦଳାଇ ଏକ ଉନ୍ନତ ସମାଜ ଗଠନ କରିବାର ଆବଶ୍ୟକତା ରହିଛି।

+ନୟାଗଡ଼

ମୋ: ୯୪୩୭୬୪୨୯୪୭

## ଲୌହମାନବ ସର୍ଦ୍ଦାର ପଟେଲ ଜୀ

### ବିଶ୍ୱବିଜୟୀ ଦାଶ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ।ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ।ଭାରତରେ ଥିବା ଗଡ଼ଜାତ ଅଞ୍ଚଳ ଓ ସ୍ୱାଧୀନ ରାଜ୍ୟକୁ ଭାରତ ସହ ମିଶାଇବାରେ ସେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ସାରା ଭାରତ ବର୍ଷରେ ଜଣେ ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ପଟେଲ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖ ରେ ଗୁଜୁରାଟ ରାଜ୍ୟର ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।



ଗୁଜୁରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ସଂକଳ୍ପ ବଳରେ ଭାରତରେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ। ସେଥିପାଇଁ ତାଙ୍କୁ ଏକତାର ପ୍ରତୀକ ବୋଲି ମଧ କୁହାଯାଇଥାଏ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ।

ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଯେତେବେଳେ ଅହମ୍ମଦାବାଦ ପୌର ପାଳିକାର ପ୍ରଶାସକ ଥିଲେ, ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ଭାବେ କାମରେ ଆସିଥିଲା। ଅହମ୍ମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତିକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ ସେ ଗୁରୁତ୍ୱାରୋପ କରିଥିଲେ।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା – ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି, ସେ ଜଣେ କୃଷକର ପୁତ୍ର ଥିଲେ।ରାଜସ୍ୱ ପ୍ରସଙ୍ଗକୁ ନେଇ ୧୯୨୮ରେ ସେ ପ୍ରଧାନ କମାଣ୍ଡର ରୂପେ ବଦ୍ରେଦାଳି ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇ ଚାଷୀମାନଙ୍କୁ କହିଥିଲେ ଯେ ଦାବି ହାସଲ ନିମନ୍ତେ ଦୀର୍ଘ ସମୟ ପାଇଁ କଷ୍ଟ ସହିବାକୁ ପ୍ରସ୍ତୁତ ହୁଅ। ଶେଷରେ ସର୍ଦ୍ଦାରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ସଫଳ ହେଲା ଏବଂ ସରକାର ଚାପର ବଶବର୍ତ୍ତୀ ହୋଇ ରାଜସ୍ୱ କରରେ ପରିବର୍ତ୍ତନ କଲେ। ଏକ ଗ୍ରାମସଭାରେ ଜଣେ ଚାଷୀ ଭାଷଣ ଦେଇ କହିଥିଲେ ଯେ "ଆପଣ ହେଉଛନ୍ତି ଆମର ସର୍ଦ୍ଦାର"। ପରବର୍ତ୍ତୀ ସମୟରେ ଏହି ବଦ୍ରେଦାଳି ଆନ୍ଦୋଳନ ସର୍ଦ୍ଦାର ପଟେଲଙ୍କୁ ଜାତୀୟ ସ୍ତରରେ ପରିଚିତ କରିପାରିଥିଲା। ସର୍ଦ୍ଦାରେ ପଟେଲ ମିଷ୍ଟଭାଷୀ, ଅନୁଶାସନ ପ୍ରିୟ ଓ କର୍ମଠ ବ୍ୟକ୍ତି ଥିଲେ। ତାଙ୍କ ବ୍ୟକ୍ତିତ୍ୱରେ ବିସ୍ମାର୍କଙ୍କ ଭଳି ସାଙ୍ଗଠନିକ କୁଶଳତା, କୌଟିଲ୍ୟଙ୍କ ଭଳି ରାଜନୈତିକ ପଟୁତା ଓ ଆବ୍ରାହମ ଲିଙ୍କନଙ୍କ ଭଳି ରାଷ୍ଟ୍ରୀୟ ଏକତା ପ୍ରତି ଅତୁଟ ନିଷ୍ଠା ଥିଲା। ତାଙ୍କର ଅଦମ୍ୟ ଉତ୍ସାହ, ଅସୀମ ଶକ୍ତି ଏବଂ ମାନବୀୟ ସମସ୍ୟାଗୁଡିକ ପ୍ରତି ବ୍ୟବହାରିକ ଦୃଷ୍ଟିକୋଣ ଦ୍ୱାରା ସେ ନିର୍ଭୟ ହୋଇ ସ୍ୱାଧୀନ ଭାରତର ପ୍ରାରମ୍ଭିକ ସମସ୍ୟା ଗୁଡିକର ସମାଧାନ କରିପାରିବାରେ ସଫଳ ହୋଇପାରିଥିଲେ। ୧୯୫୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏଭଳି ଏକ ମହାନ୍ ନାୟକଙ୍କର ଦେହବସାନ ଘଟିଥିଲା।ଭାରତୀୟ ଦେଶଭକ୍ତମାନଙ୍କ ମଧରେ ଅମୂଲ୍ୟ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ୧୯୯୧ ମସିହାରେ ମରଣୋତ୍ତର ଭାରତ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା। ତାଙ୍କ ଜନ୍ମଜୟନ୍ତୀ କୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି। ଏହି ଦିନ ଭାରତୀୟ ଇତିହାସରେ ସର୍ଦ୍ଦାର ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ଏକତାର ଶପଥ ନେବା, ଜନ ଅଭିଯାନ ଚଳାଇବା, ଏକତା ପାଇଁ ଦୌଡ ପୋଷ୍ଟର ଏବଂ ପ୍ରଶ୍ନୋତର ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଉଛି।

ଏହି ଅବସରରେ ସାରା ଦେଶରେ ସମାରୋହ ଆୟୋଜନ କରାଯାଉଛି। ବାସ୍ତବିକ ଦେଶ ପାଇଁ ଏହା ଏକ ମହାନ ଅବସର। କାରଣ ଏହି ଦିନ ସ୍ୱାଧୀନତା ସଂଗ୍ରାମର ମହାନାୟକଙ୍କୁ କେବଳ ସମ୍ମାନ ପ୍ରଦର୍ଶନ କରାଯାଏ ତା ନୁହେଁ ବରଂ ଏକତାର ମହାମନ୍ତ୍ରରେ ଦେଶବାସୀଙ୍କୁ ଉଦ୍ ବୃଦ୍ଧ କରାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ।ଭାରତ ସରକାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟେଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରିଛନ୍ତି। ଦେଶକୁ ଏକସୂତ୍ରରେ ବାନ୍ଧାଇ ପାରିଥିବା ଦେଶର ଏହି ମହାନ୍ ନେତାଙ୍କ ପାଇଁ ଏହା ଏକ ଉପଯୁକ୍ତ ସମ୍ମାନ। ଆଜି ତାଙ୍କ ଜନ୍ମ ଜୟନ୍ତୀରେ ଦେଶର ଏକତା ବଜାୟ ରଖିବା ପାଇଁ ଆମ୍ଭେମାନେ ବଜ୍ର ଶପଥ ନେଲେ ତାହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।


+ଯୁବ ସ୍ତମ୍ଭକାର

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା

ପିନ୍- ୭୫୨୦୩୫

ମୋ: ୬୩୭୦୨୦୮୪୨୮


## ଲୌହ ପୁରୁଷ : ସର୍ଦ୍ଦାର ବଲ୍ଲଭଭାଇ ପଟେଲ

### ସୌରଚନ୍ଦ୍ର ମହାପାତ୍ର

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ପୁରା ନାମ ବଲ୍ଲଭାଭାଇ ଝଭେରଭାଇ ପଟେଲ। ଥରେ ନିଷ୍ପତ୍ତି ନେଲେ, ତାହାକୁ କୌଣସି ପରିସ୍ଥିତିରେ ବି ସେ ବଦଳାଉ ନଥିଲେ। ଆବେଗ ଉଦ୍‌ବେଗ ଅପେକ୍ଷା ନିଜ ନୀତିକୁ ସମ୍ମାନ ଦେବାରେ ସେ ଥିଲେ ପ୍ରବୀଣ। କଠୋର କର୍ମ-ଜୀବନ ପରିସର ମଧରେ ବଲ୍ଲଭଭାଇ ସର୍ବଦା ଲୌହ ଦୃଢ଼ ଥିଲେ। ସଂକଳ୍ପରେ ଦୃଢ଼ତା ତାଙ୍କୁ ଲୋକମୁଖରେ ଲୌହ ପୁରୁଷ ଭାବେ ପରିଚିତ କରାଇଥିଲେ। କର୍ମମୟ ଜୀବନରେ ସେ ଥିଲେ ଜଣେ ନୀତିନିଷ୍ଠ ବାରିଷ୍ଟର ଓ ରାଷ୍ଟ୍ରନେତା। ଦୃଢ଼ ଭଗବତ ବିଶ୍ୱାସ, ମାତୃଭୂମି ପ୍ରତି ମମତା, ଗାନ୍ଧିଜୀଙ୍କ ପ୍ରତି ସଶ୍ରଦ୍ଧ ସ୍ନେହ, ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା ପାଇଁ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ। ଗାନ୍ଧିଜୀଙ୍କର ଅତି ନିକଟତମ ବ୍ୟକ୍ତିଭାବେ ସର୍ଦ୍ଦାର ପଟେଲ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ୧୯୩୨ ଜାନୁଆରୀରୁ ୧୯୩୩ ମେ ମାସ ପର୍ଯ୍ୟନ୍ତ ସର୍ଦ୍ଦାର ପଟେଲ ଗାନ୍ଧିଜୀଙ୍କ ସହ ୟାରାବାଡ଼ ଜେଲରେ ରହିଥିଲେ। ଏହାଥିଲା ତାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ତାଙ୍କ ଜୀବନର ମହତ୍ତ୍ୱ ସମ୍ପର୍କରେ ଗାନ୍ଧିଜୀ କହିଥିଲେ ସରଦାର ପଟେଲ ଯେତେବେଳେ ମୋ ସହିତ ଅଛନ୍ତି, ସେତେବେଳେ ମୁଁ କିପରି ଏକୁଟିଆ ଅନୁଭବ କରିବି ? ସେ ଏପରି ଥଟଲି ଲୋକ ଯେ ମୁଁ ହସିବା ପର୍ଯ୍ୟନ୍ତ ସେ ହସାଉଥିବେ। ଦିନକୁ ଥରେ ନୁହେଁ ବହୁତ ଥର ହସାନ୍ତି। ଦେଶ ସ୍ୱାଧୀନ ପରେ ପଟେଲଙ୍କ କର୍ମ ପରିସର ଅଧିକ ପରିବ୍ୟାପ୍ତ ହୋଇଥିଲା। ଜବାହାରଲାଲ ନେହରୁଙ୍କ ସହିତ ତାଙ୍କର ଅନେକ କ୍ଷେତ୍ରରେ ମତପାର୍ଥକ୍ୟ ରହୁଥିଲା। ମାତ୍ର ତତ୍କାଳୀନ ଭାରତୀୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପଟେଲ ଥିଲେ ଏକମାତ୍ର ସୁଯୋଗ୍ୟ ବ୍ୟକ୍ତି। ମହାନ ଜାତିପ୍ରାଣ, ଟାଣୁଆ ଜନନେତା ସର୍ଦ୍ଦାର ପଟେଲ ତତ୍କାଳୀନ ବମ୍ବେ ପ୍ରେସିଡେନ୍‌ସି ଅନ୍ତର୍ଗତ ନଡ଼ିୟାଡ୍ ଠାରେ ୧୮୭୫ ଅକ୍ଟୋବର ୩୧ ତାରିଖ ଦିନରେ ଜନ୍ମ ଗ୍ରହଣ କରିଥିଲେ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ





## ନୀରବ ଭାବନା

### ରମେଶ ଚନ୍ଦ୍ର ନାୟକ



ସାଗର କୂଳରେ ବସି ଥିଲେ ଦୁହେଁ
ଜଣେ ନାରୀ ଆଉ ଜଣେ ପୁରୁଷ
ଦୂରତା ମାତର ସେ ଦୁଇ ମିଟର
କାହା ମୁଖେ କିନ୍ତୁ ନଥିଲା ହସ ।

ବୟସ ଅନ୍ଦାଜ ତିରିଶି ବତିଶି
ଚେହେରା ସମ୍ଭ୍ରାନ୍ତ ଶ୍ରେଣୀୟ ଲୋକ
ଚିନ୍ତିତ ଚାହାଣି ବିଚଳିତ ଠାଣି
କହି ଦେଉଥିଲା ଭାବନା ତାଙ୍କ ।

ଜଣେ ଭାବୁଥିଲା ମଥାରେ ସିନ୍ଦୂର
ଦେଉନି ଯାହାକୁ ପାଉଛି ଭଲ
ଅନ୍ୟ ଜଣେ ଭାବେ
କାହିଁକି କେଜାଣି
ପ୍ରେମିକା ତାହାକୁ କରୁନି ଗେଲ ।

ଜଣେ ଚିନ୍ତା କରେ ଏକାକୀ ଜୀବନ
ସଂସାରେ ବଞ୍ଚିବା କଷ୍ଟ ହେବ କି
ଆନ ମୁଖ କହେ ନଦୀ ପାରି ପାଇଁ
ନାଉରି ନଉକା ଲୋଡା ନୁହେଁ କି ।

ଦିଗ୍ ବଳୟର ଲୁଚି ଯାଉଥିଲା
ତାଙ୍କ ଆଖି ଆଗେ ନାଲି ସୂରୁଯ
ପୂରୁବ ଆକାଶେ ଚାନ୍ଦ ମାମା ହସେ
ଫାଳିକା ମୁହଁରେ ଢାଳି ମୁରୁଜ ।

ଜଣେ ଚାହିଁଥିଲା ବୁଡନ୍ତା ସୂର୍ଯ୍ୟକୁ
ଅନ୍ୟ ଜଣେ ଚାହେଁ ଉଦିତ ଚାନ୍ଦ
ପୂର୍ଣ୍ଣିମା ତିଥିରେ ସରଳ ରେଖାରେ
ସୂର୍ଯ୍ୟ ଚନ୍ଦ୍ର ପରା ରୁହନ୍ତି ସତ ।

ସାଗର ବକ୍ଷରୁ ଉଷ୍ମ ବାୟୁ ସ୍ରୋତ
ସହସା ବହିଲା ଉଡିଲା ବାଲି
ଯୁବକ ଯୁବତୀ ଆଖି ମଳୁଥାନ୍ତି
ଭାବୁଥିଲେ ପୁଣି ଆସିବେ କାଲି ।

+କେଶରପୁର , ବକ୍ସି ବଜାର , କଟକ

ମୋ :- ୭୯୭୮୧୫୧୭୧୦ .

## ଅଫେରା ସମୟ ହାତଠାରେ

### ନିରଞ୍ଜନ ସାହୁ

ସେଦିନ ସମୟ ଫେରିବନି ଆଉ
ଏକଥା ସଭିଙ୍କୁ ଜଣା
ତଥାପି କାହିଁକି ଜାଣିକି ମଣିଷ
ହୁଏ ପୁଣି ବାଟବଣା ।
ସମୟ ଏମିତି ଖେଳ କରିପାରେ
ମଣିଷ ବାଧରେ ଖେଳେ
ଜୀବନଟା ଅଣନିଶ୍ୱାସୀ ଲାଗଇ
କଷ୍ଟପାଏ ବେଳେବେଳେ
ତଥାପି ପଛକୁ ଫେରିବାକୁ ଇଚ୍ଛା
ମଣିଷ ବୋକାରେ ଗଣା ।
ସମୟ ସୁଅରେ ମଣିଷ ଭାସଇ
ସତେକି ପତର ଭଳି
ପଛକୁ ଫେରିବା ଝୁରି ହେଉଥାଏ
ସମୟକୁ କରି ଅଳି
ବେଳେବେଳେ ପଛ ଦିନ ଭଲଲାଗେ
ବର୍ତ୍ତମାନ ଟେକେ ଫଣା ।
ବର୍ତ୍ତମାନ ଯେବେ ଭାରି ଦୁଃଖ ଦିଏ
ଅତୀତ ସ୍ମରଣ ହୁଏ
ଅତୀତର ସବୁ ସୁଖଦ ମୁହୂର୍ତ୍ତ
ସ୍ମୃତି ବୋହି ଆଣି ଥୁଏ
ଅତୀତ ଅଫେରା ଜାଣି ବି ମଣିଷ
ଆଖି ଥାଇ ସାଜେ କଣା ।

+ନିହଲ ପ୍ରସାଦ , ଗଁଦିଆ ପାଟଣା

ଢେଙ୍କାନାଳ -୭୫୯୦୧୬

ମୋ : ୯୯୩୮୭୪୧୫୮୩

## ବଳି

### ଡ. ଦୀପକ କୁମାର ମିଶ୍ର



ଅର୍ଥହୀନ ଆୟୁଷ
ବିଷବୃକ୍ଷର ଚେର ପରି
ଲମ୍ବିଛି ଅକାରଣେ ମାଟିରୁ ପାତାଳ ।
ତା ଭିତରେ ଗଡ଼ପଡ଼
ବେକାର ମଣିଷ
କଂସେଇର ଶାଣିତ ପ୍ରରୋଚନାରେ
ହେ ଚୁଚୁ ହାଙ୍କୁଥିବା
ମୁଠେ ଘାସର ପଛରେ
ମେଁ ମେଁ ରଡ଼ିକରି ଧାଉଁଥିବା
ଏକ ବାଚାଳ ଛାଗଳ ।
ମୂର୍ଚ୍ଛିଦେଇ ଜୀବନର ମୋହ
ମୂଲ୍ୟବୋଧ
ଆଣ୍ଠେଇ ଭେଟିଦିଏ
ନିଜ କାଙ୍ଗାଳ ଦେହକୁ
ଲମ୍ବେଇ ବେକରେ
ଲାଲ ଟହଟହ ମନ୍ତୁରା ମନ୍ଦାରର
ମାଳ।
ହୀନବୀର୍ଯ୍ୟ, ବଳଶୂନ୍ୟ ଶରୀର
ଯାହା ଖାଲି ଏକ ମାଂସର ଆକାର
ଅଧିଆ ପଡ଼ିଛି ତେଣୁ
ହୋଇ ସ୍ୱୟଂ ସମର୍ପଣ ।
ମନ୍ତ୍ରତନ୍ତ୍ର ଶେଷ,
ଯାହା ଏବେ ଖାଲି
ସିନ୍ଦୁରଲଗା ଖଣ୍ଡାକୁ ଉଞ୍ଚେଇ
ହାଣିବାର ବେଳ ।

+ଭୁବନେଶ୍ୱର

ମୋ: ୮୨୮୦୨୧୧୦୦୦

## ତମକୁ କିଛି କଥା...

### ଲକ୍ଷ୍ମୀପ୍ରିୟା ମାଇତି

ସ୍ୱପ୍ନ ସବୁ ସରିଗଲା ପରେ
ଏବେ ଆଖି ଖାଲି ଖୋଜେ ବିଶ୍ରାମ
ବେଳେ ବେଳେ ମରିଚୀକା ପଛେ
ଧାଇଁବାର ନିଶାଟା ବି ଉତୁରି ଯାଏ
ଫୁଟିଲା ଭାତ ହାଣ୍ଡିରୁ
ଫେଣ ଉତୁରିବା ପରି।
ଇଚ୍ଛା ନାହିଁ ଆଉ
ନଇଁ ପଡ଼ି କଇଁ ଫୁଲ ତୋଳିବାକୁ
ଜହ୍ନକୁ ଚାହିଁ  କାହା କଥା ଭାବିବାକୁ
ମନ କହେ ନଚଢିବାକୁ କାହା
ଇଶାରାରେ ଗଛ
ଯେମିତି ଚଢ଼େଇ ଦେଇ
କେହି କହେ
ମୁଁ ତ ତୋତେ କହି ନଥିଲି
ବଦଳେ ଠିକ୍ ଏମିତି
ମଣିଷର ଅଭିନବ
ହେବାକୁ ହୁଏ
ପୁଣି ନିଜକୁ ନିଜ ଦ୍ୱାରା ବଦନାମ।
ହେ ସୃଷ୍ଟି !
ସବୁତ ଅଛି ତମର
ତମ ରଚନାରେ କାଳେ
ଦଣ୍ଡବିଧାନର
କିଛି ଅଛି ନା କୋହଳ !

+ମୋ: ୯୪୩୯୫୩୭୫୯୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୩୧ ଅକ୍ଟୋବର ୨୦୨୩, ମଙ୍ଗଳବାର

## ଯନ୍ତ୍ରଣାର ପ୍ରତିଛବି
### ଅଜୟ କୁମାର ପାତ୍ର



ଜୀବନତ ଏଠି ପାନ୍ଥଶାଳାର
କାନ୍ଥରେ ଅଙ୍କା ଛବି,
ରଙ୍ଗତୂଳୀ ହାତେ ପାନ୍ଥଶାଳା କାନ୍ଥେ
ଯନ୍ତ୍ରଣା ଦେଇଛି ଆଙ୍କି ।

ଜନ୍ମରୁ ମରଣ ଯାତନାର ଚିହ୍ନ
ଯତନେ ଯାଇଛି ଆଙ୍କି,
ଛବିରେ ଛବିରେ ଉହୁଙ୍କି ହସୁଛି
ଯନ୍ତ୍ରଣାର ପ୍ରତିଛବି ।

ବାଲ୍ୟରୁ ଶୈଶବ କୈଶୋର ଯୌବନ
ସ୍ନେହ, ପ୍ରେମ ବି ଆଙ୍କିଛି
ମାନ, ଅଭିମାନ, କଳି, କତରାଳ
ପ୍ରତି ପାଦରେ ଭରିଛି ।

କଣ୍ଟକ ଅଛି କୁସୁମ ବି ଅଛି
ତୂଳୀତଳ୍ପ ବିଛାଇଛି,
ତା ମଧ୍ୟରେ ପୁଣି ପ୍ରେମ ପ୍ରତାରଣା
ଛବିକୁ ଆଙ୍କି ଯାଇଛି ।

ଜୀବନ ସକାଳୁ ସଞ୍ଜ ଯାଏ ଯାହା
କିଛି ତ ରଖିନି ବାକି,
ସୁରୁଜ ବୁଡିଲେ ସଞ୍ଜ ଆସିବ
ଅନ୍ଧାରକୁ ଡାକି ଡାକି ।

ଚାହିଁଲେ ଉହୁଙ୍କି ପାନ୍ଥଶାଳାକୁ
ସେ ଛବି ଦେଉଚି ହସି,
ବୁଝେଇ ଦେଉଛି ଜୀବନଟା ଏଠି
ଯନ୍ତ୍ରଣାର ପ୍ରତିଛବି ।

♥ ଗୁଲନଗର, କେନ୍ଦ୍ରାପଡ଼ା
ମୋ-୯୦୪୦୭୯୪୭୭୯

## ଦେହ ପଞ୍ଜୁରୀ ମୋ ଭାଙ୍ଗି ଆସିଲାଣି
### ହରିଶ୍ଚନ୍ଦ୍ର ବେହେରା



ଦେହ ପଞ୍ଜୁରୀ ମୋ ଭାଙ୍ଗି ଆସିଲାଣି
ଉଡ଼ି ଯା'ରେ ପ୍ରାଣ ପକ୍ଷୀ
ସହସ୍ରାଚକ୍ର ରେ ନାଚୁଛି ଶବରୀ
ପଦୁଅଁ ପରାଗ ମାଖି ।

ହାଟ ଭାଂଗିଲାଣି ହାଟୁଆ ବାଟୁଆ
ଶୁଭୁ ନାହିଁ ଗହ ଗହ
ଶୁଆ ପଚାରଇ ଶାରୀକୁ ଡାକିଣ
ଏ କେଉଁ ରାଇଜ କହ
'ଅଫୁଟା ଫୁଲରୁ ବାସ ଚହଟୁଛି
ଫୁଟା ଫୁଲ ଯାଏ ଶୁଖି !

ନାଆରେ ବସିଛି କୁଆଁରୀ କନିଆଁ
ଉଜାଣି ବୋହୁଛି ନଈ
କେଉଁ ଗାଈଆଳ ଫୁଂକୁଛି ବଇଁଶୀ
ପଠା ଯାଏ ମହକେଇ

ନଈ ଆର ପଟେ କିଏ ଆସୁଛ ହୋ
ଘଡ଼ିଆଳ ଅଛି ଛକି ।

କେଉଁ ଛଦ୍ମ ବେଶୀ ନାଗର ଆସୁଛି
ଗାଇ ଗାଇ ପଦ୍ମତୋଳା
ବାଘ ମଞ୍ଜାରିର ଖେଳ ସରିଯିବ
ନ ହେବୁ ଆଉ ବାଉଳା
ପ୍ରାଣ ପକ୍ଷୀ ମୋର ଲଳିତ ମଧୁରେ
ଗାଇ ଦେବ ଶେଷ ଚୋଖି ।

♥ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ସ୍ମୃତି ତୁମେ...
### ଡ଼ ଶ୍ରୀଧର ସାମଲ



ତୁମ ଗାଁ ବାଟେ ଝଡ ଯେବେ ଆସେ
ପଣତ ଉଡ଼େଇ ଭିଜେଇ ମାଟି,
ଆମ ଗାଁ ଆଖିରୁ ନିଦ ହଜିଯାଏ
ଅଦିନିଆ ଜର ଦେହରେ ତାତି ।

ଅଚାନକ ମେଘ ଦେହସାରା ଦାଗ
ମୃଦୁ ଲଘୁଚାପ ଫିକା ଫଗୁଣ,
ଗ୍ରୀଷ୍ମ ଆଗମନେ ବେଦରଦୀ ପାଗ
ପହିଲି ଛୁଆଁରେ ମନ ଉଛନ୍ନ ।

ମୌସୁମୀ ଦେଇଛି ମିଳନ ଚିଟାଉ
ଆକାଶ କୋଳରେ ମଳିନ ଜହ୍ନ,
ଅଳସ ଆଖିରେ ଅସୁମାରୀ ସ୍ୱପ୍ନ
ଦିନ ଦିପହରେ ରାତିର ଭ୍ରମ ।

ତପ୍ତ ଅପରାହ୍ନ ମୃଗତୃଷ୍ଣା ଭ୍ରମ
ଚୋରା ଚଇତାଳି ମେଘ ଆସନ୍ନ,
କେବେ ଖରା କେବେ ମେଘର ଆସର
ଆର୍ଦ୍ର ଅଭିସାର ସ୍ମୃତି ଆଚ୍ଛନ୍ନ ।

କ୍ଲାନ୍ତ ଅପରାହ୍ନ ଗୋଧୂଳି ଲଗନ
ରାତ୍ର ଅବସନ୍ନ ଅଧିର ମନ,
ଗାଁ ନଈକୂଳ ନିଛାଟିଆ ବେଳ
କଦମ୍ବ ମୂଳରେ ମିଠା ପବନ ।

ପରାଣ ପ୍ରିୟାରେ ! ଏ ଗ୍ରୀଷମ କାଳ
ଅସରନ୍ତି ଜ୍ୱାଳା ସ୍ମୃତି ମନ୍ଥନ,
ଓଠେ ଆଙ୍କିଦିଏ ଉଷୁମ ଚୁମ୍ବନ
ମନେ ଭରିଦିଏ ମୃଦୁ କମ୍ପନ ।

♥ ସମ୍ପାଦକ: ମୌସୁମୀ
କଜଳା, କେନ୍ଦ୍ରାପଡା
(ମୋ) ୯୪୩୭୬୦୭୮୯୭

## ବିଧିନିର୍ଦ୍ଦିଷ୍ଟ
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ଏମିତି କ'ଣ ଜାଣିହୁଏ ?
କେବେ ଆସେ ଜନ୍ମ
ଯେଉଁଠି ମମତାର ବଳୟରେ
ରୋପିବାକୁ ହୁଏ
ସଭାବନାର ଚାରା ।

ନା ଏମିତି କିଛି ସ୍ଥିର କରିହୁଏ
କେବେ ଆସେ ଶୈଶବର ସାବଲୀଳତା
ଯେଉଁଠି ହସୁଥିବ ଆତ୍ମୀୟତା
ଭଲଲାଗୁଥିବ ମିଠା ମିଠା କଥା
ସ୍ନେହ ହେଉ/ ପ୍ରେମ ହେଉ
ଅବା ଭୁଲ ବୁଝାମଣା
ସବୁଥିରେ ଥିବ ମଧୁରତା ।

ଯୌବନର ଗତିଶୀଳତା
ଅବା ଯବନୀକା
ଜ୍ଞାନର ସୀମାରେଖା ଡେଇଁ
ସବୁକିଛି ତ ବିଧି ନିର୍ଦ୍ଦିଷ୍ଟ ।

ଏମିତି ବି ଜାଣି ହୁଏନି
କେବେ ଆସେ ସମୟର ଅପରାହ୍ନ

ଯେଉଁଠି ବଳିପଡ଼େ
ତ୍ୟାଗ ଆଉ ସମ୍ପର୍କ
ଖେଳୁଥାଏ ସ୍ୱାର୍ଥ
ଆଉ ତା'ର ଅପରୂପ ସମ୍ମାନ ।

କେବେ ପୁଣି ଆସେ ତାର ଶେଷ
ସମ୍ମୋହନ
ଯେଉଁଠି ସବୁ ସ୍ନେହ/ ସବୁ ମମତା
ଫେରେଇବାକୁ ହୁଏ ମାଟିକୁ
ଗହିରିଆ ନୀଳ ଆକାଶକୁ ।

♥ ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ: ୮୨୪୯୪୫୦୦୫୦

## ପ୍ରଣୟର ସ୍ୱପ୍ନିଳ ପାତ୍ରରେ
### ଭରତ ଚନ୍ଦ୍ର ଦାଶ



ଏବେ ବର୍ଷା ସହ ଦେଖାହେଲା ଶାଳବଣ ଗିରିପଥପରେ,
ବହୁଦିନ ଅଗାଧୁଆ ଥିବା ପଥରର ଦେହ ସଫାକରୁଥିଲା,
ଇଠାଫଳ ଘଷୁଥିଲା ଫେନିଳ ଜଳସହ ପାଚିଲା ବାଳରେ,
ମୋସହ କଥାହେଲା ଲାଜେଇଲା ମୁହଁପୋତି ମୃଦୁହସୁଥିଲା ।

ବର୍ଷାଭାରି ଭଲପାଏ, ବୋଧହୁଏ ନିଜର ତୋଳିବାକୁ ଛବି
ଭ୍ରାମ୍ୟଭାଷ ସହ ତା'ର ଭାବ ଦିଆନିଆ ସେଲ୍ଫିଟିଏ ନେବ,
ଶାଳବଣ ହରରଙ୍ଗୀ ଫୁଲ ସୌନ୍ଦର୍ଯ୍ୟରେ ହେଉଥାଏ ଭାବି,
ସୁନ୍ଦରତାପଣ ମନଲୋଭା ଫୁଲର ପାର୍ବଣ ଧନ୍ୟ ସେ ଭାବ ।

ଶାଳ ଶାଗୁଆନ ପିଆଶାଳ ଶିଶୁଗଛସହ ଲୋଭନୀୟ ଲତା,
ଫୁଲ ପତ୍ର ପଥରେ ବସି ବର୍ଷା ମନଲାଖି ଛବିଥିଲା ତୋଳି,
ବର୍ଷାପୁଣି ଆନମନା ପଥରରେ ଲେଖୁଥିଲା ପ୍ରୀତିର କବିତା
ବିଭିନ୍ନ ଭଙ୍ଗୀରେ ଆଖିର ଠାଣିରେ ଛବି ବିବିଧ ବର୍ଣ୍ଣାଳୀ ।

ବର୍ଷା ବେଳେବେଳେ ହଜିଯାଏ ପ୍ରକୃତିର ପ୍ରେମିଳ ରୂପରେ,
ପଥର ମାନବୀହୁଏ ବର୍ଷାଝରେ ପ୍ରଣୟର ସ୍ୱପ୍ନିଳ ପାତ୍ରରେ ।

♥ ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା ସିମୁଳିଆ,ବାଲେଶ୍ୱର-୭୫୬ ୧୨୬
ମୋ: ୯୪୩୭୩୭୨୧୬୬

## ଜୀବନର ବତୀ ଲିଭିଗଲା ପରେ...
### ଲକ୍ଷ୍ମୀପ୍ରିୟା ପୃଷ୍ଟି



ସ୍ନିଗ୍ଧତା ପଣ ଝାଉଁଳି ପଡ଼ିଛି
ସୁଖ ତ ହୋଇଛି ମାଟି
ଜୀବନ ଗଙ୍ଗାରେ ରୁଗ୍ଣ ପ୍ରତିବିମ୍ବ
ମଧୁଶାଳା ଏକା ସାଥୀ,
ସମୟ ସାଧୁଛି ବାଦ
ଅଟକି ଯାଇଛି ଜୀବନର ଛନ୍ଦ
କାହାକୁ ବା ଦୋଷ ଦେବ !

ନିଜ ହାତଗଢା ସବୁଜ ଉଦ୍ୟାନ
ସବୁ ହୁଏ ଛାରଖାର
ଝଡ଼ର ଦୋଷ କି ମାଳିର ସେ ଦୋଷ
ବୁଝେନାହିଁ ମନ ତାର
ନୀଡ଼ହରା ପକ୍ଷୀ ସିଏ
ନୀରବେ ବାହୁନେ ଅଧୀର ହୃଦୟ
ଦେଖୁଛି ବା ତାକୁ କିଏ ?

ପ୍ରତିବିମ୍ବ ଆଜି ଅଚିହ୍ନା ଲାଗୁଛି
ମନ ଆଇନାରେ ଦେଖି
ପ୍ରତିଶ୍ରୁତି ସବୁ ହଜିଗଲା ପରେ
କେମିତି ଯାଇଛି ଠକି
ସବୁଲାଗେ ସାତପର
ଜୀବନର ବତୀ ଲିଭିଗଲା ପରେ
ବେସୁରା ସେ ବଂଶୀସ୍ୱର ।

♥ ଅଧ୍ୟାପିକା, ଦଶରଥପୁର,
ଯାଜପୁର,୭୫୫୦୦୬
ମୋ: ୭୩୭୭୩୧୮୭୮୯

## ବିରୋଧାଭାସ
### ମାନସ ରଞ୍ଜନ ନାୟକ



ଚାରିଆଡେ ଏବେ ବିଜୟର ଅଫୁରନ୍ତ ମହୁଲି ନିଶା
ସ୍ୱାର୍ଥୀ ସମ୍ଭାଷଣ ସାଜିଛି ଜୀବନ ତତ୍ତ୍ୱର ପରିଭାଷା
ସମର୍ଥ, ସମୁଜ୍ଜ୍ୱଳ ସାମ୍ରାଜ୍ୟ ଗଠନର ବାଜେ ଦୁନ୍ଦୁଭି
ନାରୀ'ର ନଗ୍ନ ରକ୍ତାକ୍ତ ଶରୀର କି ସଭ୍ୟତାର ସୁରଭି ?

ସମ୍ବିଧାନେ କେବଳ ଧର୍ମନିରପେକ୍ଷତା'ର ସ୍ୱଗତକ୍ତି
ପ୍ରାର୍ଥନା ପ୍ରାଙ୍ଗଣେ ମଧ୍ୟ ଧର୍ମ ନାମରେ ବିଭକ୍ତ ବିଭକ୍ତି
ସ୍ୱାଧୀନତା ପରେ ସଂଘତି ଓ ସମାନତା'ର ସମାଚାର
ପୁନର୍ବାର ଶୁଭେ ଯୁଦ୍ଧବିଧ୍ୱସ୍ତ ଅସହାୟର ଚିତ୍କାର ।

ଭବ୍ୟ ଦେବଭୂମି ଏବେ ଦୈନ୍ୟ ଦୁସ୍ଥ ଚେତନା କଳୁଷିତ
ଜରାଶ୍ରମ କି ସାଜେ ପିତାମାତାଙ୍କ ନିବାସ ସୁରକ୍ଷିତ ?
ଦାରୁଦିଅଁ ଲୋଡେ ଗୀତଗୋବିନ୍ଦର ଆବେଗପ୍ରବଣତା
ତାଜା ଖବର ସାଜେ ଏବେ ଦାମ୍ପତ୍ୟର ଶେଷ ଆତ୍ମୀୟତା ।

ଶିକ୍ଷାର ଅଭାବେ ବି ଦିନେ ଥିଲା ମାନବତ୍ୱର ଆଭାସ
ଜ୍ଞାନ ବିଜ୍ଞାନର ଉତ୍ତରଣେ କ'ଣ ଖାଲି ବିରୋଧାଭାସ ?

♥ ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ:୯୮୯୦୮୫୧୪୨୭

## ତୁମେ
### କ୍ଷଣପ୍ରଭା ମହାନ୍ତି



କେଜାଣି କାଇଁ ତୁମେ ବେଶି ମନେ ପଡ଼
ନିଇତି ସକାଳେ, ଉଷୁମ ଚାରେ ଦିନ
ସଜେଇଲା ବେଳେ ।
ଗୋଟେ ଗୂଢ଼ ମର୍ଣ୍ଣିଙ୍ଗ ମାସେଜରେ
ସେମିତି ସରି ଆସୁଥାଏ ସାରା ଦିନର
ଆୟୁଷ ।

ମୁଁ ଛନ୍ଦି ହେଉଥାଏ ତୁମ ମଧୁମୟ
ପ୍ରତିଶ୍ରୁତିରେ ସକାଳକୁ ବିଦାୟ
ଦେଲାପରେ ।
ସ୍ୱପ୍ନ ସବୁ ମିଳାଉ ଥାଏ ମୋର
ତୁମ ସିଗାରେଟ ଧୂଆଁ କୁଣ୍ଡଳୀ ପରି ।
ଗୋଟେ ଅଜଣା ବିଶ୍ୱାସରେ
ବଞ୍ଚିବାକୁ କରୁଥିଲି ବାର ବାର ପ୍ରୟାସ ।

ଜାଣିବାକୁ ଇଛା ହୁଏ କେମିତି ଜୀବନ
ବଞ୍ଚେ ବିରହରେ ଆଉ
ଆତ୍ମ ପ୍ରତ୍ୟୟରେ ।

ମୁଁ ତ ଭାବୁଥିଲି ତୁମ ନିଃସଙ୍ଗ ଜୀବନକୁ
ଯୋଉଠି ପ୍ରତି ମୁହୂର୍ତ୍ତରେ
ତୁମେ ଭେଟୁଥିଲ ନିର୍ଜନ
ବେଳାଭୂମିର ଶାମୁକାକୁ ।

♥ ନୀଳାଦ୍ରି ନଗର, ଖଣ୍ଡଗିରି

## ହେମନ୍ତ
### ନୀଳମଣି ଚାନ୍ଦ



ହେମନ୍ତ ଆସେ, ମନାକରେ
ଆଉ ବୁଲ୍ ନା ବୁଲ୍ଲୁ, ଫୁଙ୍ଗୁଳା ଦିହରେ
ଉଲ୍ ବଜାରରୁ କିଣ୍ ସୁଏଟରଟାଏ
ଅନ୍ତତଃ ପିନ୍ଧିବୁ ମାଘ ଶେଷ ଯାଏଁ ।

କାକର ପକାଏ ଟୋପା
ଟପ୍ ଟପ୍ ବର୍ଷା ପରି
ସୂର୍ଯ୍ୟଙ୍କ ଉତ୍ତରାୟଣ, ଦିନ ସାନ
ଶୁଣି ସାନୁ ଯିବୁନିରେ ଡରି ।

ସାଉଁଟିବ ମୁକ୍ତା ଯଦି ଜଲଦି ଉଠି
ପ୍ରାନ୍ତରକୁ ଯାଅ
ଖରାପୁଅଁ, ନିଆଁ ଜାଳ
ସକାଳର କିଛି କ୍ଷଣ ତା ପାଖରେ ଥାଅ ।

ଏଇ ଯେ ଶରତ ଗଲା ଶୀତ ଆସେ
ହେମନ୍ତଟା ବସେ ଜାକିଜୁକି
ମାଗିବି ଗେଣ୍ଡୁ, ରଙ୍ଗଣି
ପରିବାଟି ଅଜାଡ଼ି ଦେବ କି ?

କାର୍ତ୍ତିକ ବ୍ରତର କଥା
ଏବେ ଯିଏ ପକେଇଛି ମନେ
ହେମନ୍ତ ମୁଁ ଜାଡୁଆ ପବନେ
ଲାଗେ ସିଏ କହିଯାଏ କାନେ ।

♥ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଅନ୍ତହୀନ ଶୂନ୍ୟତା
### ବାଉରିବନ୍ଧୁ ଲେଙ୍କା



ନାହିଁ ଆଉ ନିରବତା
ରାତ୍ରିର ସେ ନିର୍ଜନ ପ୍ରହରେ
ଉଲ୍କା ସମ କ୍ଷେପଣାସ୍ତ୍ରମାନେ
ବିଚ୍ଛୁରିତ ସାରା ଆକାଶରେ ?

ବୋମାମାନଙ୍କର କାନଫଟା
ଶବ୍ଦେ ହୁଏ ହୃଦୟ ସ୍ପନ୍ଦନ
ନାହିଁ ହସ ଖୁସି କୋଳାହଳ,
ସହରଟା ହୋଇଛି ଶ୍ମସାନ ?

କଅଁଳା ଶିଶୁ, ଶଯ୍ୟାଶାୟୀ
ବୃଦ୍ଧ ଆଉ ବୃଦ୍ଧାଙ୍କ ପର୍ଯ୍ୟନ୍ତ
ସମସ୍ତଙ୍କ ଆର୍ତ୍ତ ଚିତ୍କାରରେ
ଗଗନ ପବନ ମୁଖରିତ ?

ନୁହେଁ କି ସେ ମଣଷର ରକ୍ତ ?
ଗାଢ ଲାଲ ରଙ୍ଗ ମନେ କରି
ଖେଳୁଅଛ ହୋଲି ତୁମେମାନେ
ଆଧୁନୀକ ଅସ୍ତ୍ର ଶସ୍ତ୍ର ଧରି ?

ମଣିଷ ତ କରିନାହିଁ ଏହି
ମଧୁମୟ ସୃଷ୍ଟିର ସୃଜନ
କେଉଁ ଅଧିକାର ବଳେ କରେ
ବାରମ୍ବାର ତା ବକ୍ଷ ବିଦୀର୍ଣ୍ଣ ?

କେଉଁ ଧର୍ମ ମଣିଷ ରକ୍ତରେ
ଶିକ୍ଷାଦିଏ ଖେଳିବାକୁ ହୋଲି
ଲକ୍ଷ୍ୟ କି ଏ ପୃଥିବୀର ଧ୍ୱଂସ
ଏ ମାନବ ସଭ୍ୟତାକୁ ଭୁଲି ?

ଧ୍ୱଂସକାରୀ ବିଜ୍ଞାନର ବଳେ
ପୃଥିବୀର ଭୌଗଳିକ ସ୍ଥିତି
ଯଦି କେବେ ହୁଏ ଆନ୍ଦୋଳିତ
ହୋଇବ ଏ ସଭ୍ୟତାର ଇତି ?

ଏକ ପୃଥ୍ୱୀ ଏକ ପରିବାର
ଏକ ଅଟେ ଆମ ଭବିଷ୍ୟତ
ଏହା କଣ ପ୍ରହେଳିକା ମାତ୍ର
କେବେ କଣ ହୋଇବନି ସତ ?

ବୋଧ ହୁଏ ଆମେ ସବୁ ଆଜି
ବଡ ଏକ ବିସ୍ଫୋରଣ ପରେ
ଅନ୍ତହୀନ ଶୂନ୍ୟତାର ଦୃଶ୍ୟ
ଦେଖିବାକୁ ଅଛୁ ଅପେକ୍ଷାରେ ?

♥ ଦି ପର୍ଲ ରେସିଡେନ୍ସି
ଦୁର୍ଗାମାଧବ ନଗର
ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

## ପ୍ରେମ ଉପବନ
### ଶିଳ୍ପା ମହାରଣା



ପ୍ରେମ ଉପବନେ ତୁମେ ଯେ ଭ୍ରମର
ମୁଁ ତୁମର ପାରିଜାତ
ଏ ଜୀବନ ମୋର ଶୁଷ୍କ ଉପବନ
ସାଜିଲ ତୁମେ ବସନ୍ତ ।

ଫୁଟେ ସଜଫୁଲ ତୁମରି ସ୍ପର୍ଶରେ
ଭିନ୍ନ କେତେ ରଙ୍ଗ ନେଇ
ସେହି ପରଶ ଯେ ଭରିଯାଏ ମନେ
ନୂଆ ଉନ୍ମାଦନା ହୋଇ ।

ଶୀତ ସକାଳର ସୁନେଲି କିରଣ
ତୁମ ସ୍ପର୍ଶେ ଲାଗେ ଉଷ୍ମ
ବସନ୍ତ ଋତୁର ମଳୟ ପବନ
ଗାଇଚାଲେ ତୁମ ନାମ ।

ନିସଙ୍ଗ ଜୀବନେ ସଙ୍ଗଦେଲ ତୁମେ
ରଙ୍ଗ ଭରିଦେଲ ମନେ
ମୁମୂର୍ଷୁ ପ୍ରାଣେ ମୋ ଜଳାଇଲ ବହ୍ନି
ଆସିଲା ଜ୍ୟୋତି ଜୀବନେ ।

ନିଶବ୍ଦ ରାତ୍ରିରେ ହୃଦୟରୁ ସୁଭେ
ବାର ବାର ତୁମ ନାମ
ମଧ୍ୟାହ୍ନରେ ଲାଗ ତୁମେ ମୋର ତୃଷ୍ଣା
ପ୍ରେମ ଉଦ୍ୟାନର ଶ୍ୟାମ ।

ମୋ ମନ ସମୁଦ୍ରେ ତୁମେ ଯେ ଜୁଆର
ମୋ ଶରୀରେ ତୁମେ ଆତ୍ମା
ପ୍ରେମ ଯେ ତୁମର ମୁକ୍ତା ବିନ୍ଦୁ ସତେ
ନାହିଁତ ତାର ଉପମା ।

♥ କଟକ

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ଜନିତ ବିପଦ ହ୍ରାସ ଦିବସ ପାଳିତ

କନ୍ଧମାଳ, ୩୦/୧୦ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ଜରୁରୀ କାଳୀନ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆଜି ଜିଲ୍ଲା ସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ -୨୦୨୩ ପାଳିତ ହୋଇଯାଇଛି । ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ସଫଳ ମୁକାବିଲା ଏବଂ ଏ' ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ଉତ୍କଳ ବାଳାଶ୍ରମର ଛାତ୍ରଛାତ୍ରୀ, ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ପୂର୍ବାହ୍ନରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ପରେ ପରେ, ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଆଲୋଚନା ପାଇଁ ଏକ ସାଧାରଣ ସଭା ସହିତ ଜିଲ୍ଲା ସ୍ତରୀୟ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ବିଗତ ମହାବାତ୍ୟା ପର ଠାରୁ ଏହି ଦିବସ ପାଳିତ ହୋଇଆସୁଛି । ସେତେବେଳେ ଯଦି ଏବେ ଭଳି ଆମେ ପ୍ରସ୍ତୁତ ଥାନ୍ତେ, ତେବେ ଏତେ ପରିମାଣର ଧନ ଜୀବନ ନଷ୍ଟ ହୋଇ ନ ଥାନ୍ତା । ଆମେ ତ ପ୍ରାକୃତିକ ଦୁର୍ବିପାକକୁ ବନ୍ଦ କରିପାରିବାନି ମାତ୍ର ସାହସର ସହିତ ମୁକାବିଲା କରି ଧନ ଜୀବନ ନଷ୍ଟକୁ ରୋକି ପାରିବା । ସେଥିପାଇଁ ଆମଙ୍କୁ ସଚେତନ ହେବାକୁ ପଡ଼ିବ ଏବଂ ସରକାରଙ୍କ ନିର୍ଦ୍ଦେଶକୁ ମଧ ମାନିବାକୁ ପଡ଼ିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ । ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇ ୧୯୯୯ମସିହା ଅକ୍ଟୋବର ମାସ ୩୦ ତାରିଖ ଦିନ ୧୨ଟା ସମୟର ତିକ୍ତ ଅନୁଭୂତିରୁ କିଛି ତାଙ୍କ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ କହିଥିଲେ । ଏବେ ଆମେ ପ୍ରାୟ ସଚେତନ ଓ ସତର୍କ ହୋଇଗଲେଣି । ଜିଲ୍ଲା ପ୍ରଶାସନ ମଧ ଠିକ୍ ସମୟରେ ସଠିକ୍ ପଦକ୍ଷେପ ନେଉଛି । ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଆଗକୁ ମଧ ଜିଲ୍ଲା ପ୍ରଶାସନ ସହିତ ପୌର ପରିଷଦ ଏବଂ ଜନସାଧାରଣଙ୍କର ସହଯୋଗ ରହିବ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ମହାନ୍ତି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ବିଗତ ମହାବାତ୍ୟା ଯେଉଁଥିରେକି ଦଶ ହଜାରରୁ ଅଧିକ ସଂଖ୍ୟକ ଲୋକ ମୃତ୍ୟୁବରଣ କରିଥିଲେ ସେହି ଦୁଃଖଦ ଘଟଣାରୁ କିଛି ବର୍ଣ୍ଣନା କରିଥିଲେ । ଯେଉଁ ବିପର୍ଯ୍ୟୟ ପ୍ରାକୃତିକତା'କୁ ଆମେ ଅଟକାଇ ପାରିବା ନାହିଁ । ମାତ୍ର ବିପଦ ପ୍ରଶମନ ପାଇଁ ପଦକ୍ଷେପ ନେଇପାରିବା । ଆଉ ଯେଉଁ ବିପର୍ଯ୍ୟୟ ମଣିଷକୃତତା'କୁ ଚାହିଁଲେ ଆମେ ରୋକି ପାରିବା । ପରିବେଶ ପ୍ରଦୁଷଣ କରିବା, ପାନୀୟ ଜଳ ନଷ୍ଟ କରିବା, ଜଙ୍ଗଲ ଧ୍ୱଂସ କରିବା ଇତ୍ୟାଦି ଦ୍ୱାରା ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେଉଛି ତାହା ମନୁଷ୍ୟକୃତ ବୋଲି କୁହାଯିବ । ସେଥିପାଇଁ ମଣିଷ ସମାଜ ବି ଦିନେ ଧ୍ୱଂସ ମୁଖରେ ପଡ଼ିପାରେ । ଏହି ମନୁଷ୍ୟ କୃତ ବିପର୍ଯ୍ୟୟକୁ ଆମେ ଚାହିଁଲେ ରୋକିପାରିବା । ସେ ଯାହା ହେଉନା କାହିଁକି ଆମେ ଯଦି ସଚେତନ ହେବା, ସତର୍କ ହେବା ତେବେ ଆଗାମୀ ବିପଦକୁ କେତେକାଂଶରେ ପ୍ରଶମନ କରିପାରିବା ବୋଲି ସେ କହିଥିଲେ । ଜିଲ୍ଲା ଆପଦକାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ତାଙ୍କର ପ୍ରାରମ୍ଭିକ ସୂଚନାରେ ବିଗତ ଦିନ ମାନଙ୍କରେ ଜିଲ୍ଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲ୍ଲା ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟିକା ଶ୍ରୀମତୀ ରୁପମ୍ଭିକା ତ୍ରିପାଠୀ ସଭା ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ପ୍ରତୀକ କୁମାର ସାହୁ ଓ ଫୁଲବାଣୀ ଅଗ୍ନିଶମ ଅଧିକାରୀଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସରକାରୀ ଓ ବେସରକାରୀ ପଦାଧିକାରୀ, ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ

କେନ୍ଦ୍ରାପଡ଼ା, ୩୦/୧୦ (ନି.ପ୍ର): କେନ୍ଦ୍ରାପଡା ରେ ଜିଲ୍ଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ୨୦୨୩ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବାତ୍ୟା, ବନ୍ୟା, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ଭୟାବହତା, ତିବ୍ରତା ଓ କ୍ଷୟକ୍ଷତିକୁ ଜନ ସାଧାରଣ ତଥା ସର୍ବୋପରି ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଉତମ ଯୋଗାଯୋଗ ଓ ସହଯୋଗ ସୁପରିଚାଳନା କରିପାରିଲେ ଆମେ ଏହାର ସଫଳ ମୁକାବିଲା କରିପାରିବା ବୋଲି ଅତିରିକ୍ତ ଜିଲ୍ଲପାଳ ମତବ୍ୟକ୍ତ କରିଥିଲେ । ଗ୍ରାମ ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ଗଠନ କରାଯାଇ ଥିବା ଟାସ୍କ ଫୋର୍ସ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଏବଂ ଜନ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ । ପ୍ରାକୃତିକ ବିପଦକୁ ସଫଳ ମୁକାବିଲା କରିବା ପାଇଁ ଆମେ ଏହାର ପୂର୍ବ ଏବଂ ପରବର୍ତୀ ଅବସ୍ଥା ପାଇଁ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଥିଲେ । ଏହାର ସଫଳ ମୁକାବିଲା ପାଇଁ ତୃଣମୂଳ ସ୍ତରରେ ସଚେତନତାର ବାର୍ତା ପହଁଚାଇବା ପାଇଁ ଏହି ଦିବସର ମୂଳ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଥିବା ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ର(ରାଜସ୍ୱ), ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲିକ, ଜିଲ୍ଲା ଶିଶୁ ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ପାଇଁ ନିଜ ନିଜ ଅଂଚଳରେ ସଚେତନତା ବାର୍ତା ପହଁଚାଇବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବାତ୍ୟା, ବନ୍ୟା ଆଶ୍ରୟସ୍ଥଳଗୁଡିକୁ ପରିଷ୍କାର ଓ ସୁରକ୍ଷିତ ରଖିବା ସହ ଜନ ସାଧାରଣ ନିଜ ନିଜର କ୍ଷମତା ମୁତାବକ ସାହାଯ୍ୟ କରିବାକୁ ଆନ୍ତରିକତା ରଖିବା ଆବଶ୍ୟକ ବୋଲି ଉପସ୍ଥିତ ଥିବା ଜନ ସାଦାରଣ ଓ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ଶପଥ ପାଠ କରାଇଥିଲେ । ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ବାହାର କରାଯାଇ ଥିଲା । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ମାନେ ସଚେତନତା ବାର୍ତା ଦେଇ ସହର ପରିକ୍ରମା କରିଥିଲେ । ଏହି ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଜରୁରୀ କାଳୀନ ଅଧିକାରୀ ଜୟନ୍ତ କୁମାର ରାଉତରାୟ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତି ସଂରକ୍ଷଣ କରୁଥିବା ତାମିଲନାଡୁର ଦୁଇ ବ୍ୟକ୍ତିତ୍ୱଙ୍କୁ ପିଏମଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୩୦/୧୦ : 'ମନ୍ କୀ ବାତ୍'ର ୧୦୬ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର ଦୁଇ ବ୍ୟକ୍ତିତ୍ୱଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ସଂସ୍କୃତିକୁ ସୁରକ୍ଷିତ ରଖୁଥିବା ଶିବଶଙ୍କରୀଜୀ ଓ ଏ.କେ. ପେରୁମଲଜୀଙ୍କ ପ୍ରୟାସ ପ୍ରତ୍ୟେକଙ୍କ ପାଇଁ ଏକ ଉଦାହରଣ । ମନ୍ କୀ ବାତରେ ପିଏମ ମୋଦି ଏହି ଦୁଇଜଣଙ୍କ କଥା ଉଠାଇ ସେମାନଙ୍କ ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, 'ଆମର ସାହିତ୍ୟ, ଏକ ଭାରତ-ଶ୍ରେଷ୍ଠ ଭାରତର ଭାବନାକୁ ପ୍ରଗାଢ଼ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ ଭିତରୁ ଗୋଟିଏ । ମୁଁ ଆପଣଙ୍କୁ ତାମିଲନାଡୁର ଗୌରବଶାଳୀ ଐତିହ୍ୟ ସହିତ ସଂପୃକ୍ତ ଦୁଇଟି ବହୁତ ପ୍ରେରଣାଦାୟୀ ପ୍ରୟାସ ବିଷୟରେ କହିବାକୁ ଚାହୁଁଛି । ମୋତେ ପ୍ରସିଦ୍ଧ ତାମିଲ ଲେଖିକା ଭଉଣୀ ଶିବଶଙ୍କରୀଜୀଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ମିଳିଛି । ସେ ଏକ ପ୍ରକଳ୍ପ କରିଛନ୍ତି- ନିଟ ଇଂଡିଆ ଥ୍ରୁ ଲିଟରେଚର ଏହାର ଅର୍ଥ ହେଲା- ସାହିତ୍ୟ ଦ୍ୱାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବା ଓ ଯୋଡ଼ିବା । ସେ ଏହି ପ୍ରକଳ୍ପ ଉପରେ ଗତ ୧୬ ବର୍ଷ ଧରି କାମ କରୁଛନ୍ତି । ଏହି ପ୍ରକଳ୍ପ ଜରିଆରେ ସେ ୧୮ଟି ଭାରତୀୟ ଭାଷାରେ ରଚିତ ସାହିତ୍ୟର ଅନୁବାଦ କରୁଛନ୍ତି । ସେ ଅନେକ ଥର କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ଓ ଇମ୍ଫାଲରୁ ଜୈସଲମେର୍ ପର୍ଯ୍ୟନ୍ତ ସମଗ୍ର ଦେଶ ଭ୍ରମଣ କରିଛନ୍ତି, ଯଦ୍ଦ୍ୱାରା ଭିନ୍ନ ଭିନ୍ନ ରାଜ୍ୟର ଲେଖକ ଓ କବିଙ୍କର ସାକ୍ଷାତକାର ନେଇପାରିବେ । ଶିବଶଙ୍କରୀଜୀ ବିଭିନ୍ନ ଜାଗାକୁ ଯାତ୍ରା କରିଛନ୍ତି, ସେ ଯାତ୍ରାର ବିବରଣୀ ସହିତ ଏହାକୁ ପ୍ରକାଶ କରିଛନ୍ତି । ଏହା ତାମିଲ ଓ ଇଂରାଜୀ ଦୁଇଟି ଭାଷାରେ ରହିଛି । ଏହି ପ୍ରକଳ୍ପରେ ଚାରିଟି ବଡ଼ଭାଗ ରହିଛି ଓ ପ୍ରତ୍ୟେକ ଭାଗ ଭାରତର ଅଲଗା ଅଲଗା ଅଂଶକୁ ସମର୍ପିତ ହୋଇଛି । ତାଙ୍କର ଏହି ସଙ୍କଳ୍ପଶକ୍ତି ପାଇଁ ମୋତେ ଗର୍ବ ଅନୁଭବ ହେଉଛି । କନ୍ୟାକୁମାରୀର ଥିରୁ ଏ.କେ. ପେରୁମଲ୍ ଜୀଙ୍କ କାମ ମଧ ବହୁତ ପ୍ରେରଣାଦାୟକ । ସେ ତାମିଲନାଡୁରେ ଯେଉଁ ଗଳ୍ପକଥନର ପରମ୍ପରା ରହିଛି ତା'ର ସଂରକ୍ଷଣ ପାଇଁ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ସେ ନିଜର ଏହି ମିଶନରେ ଗତ ୪୦ ବର୍ଷ ଧରି ଲାଗିଛନ୍ତି । ଏଥିପାଇଁ ସେ ତାମିଲନାଡୁର ଭିନ୍ନ ଭିନ୍ନ ଜାଗାକୁ ଯାତ୍ରା କରନ୍ତି ଓ ଲୋକକଳାର ବିଭିନ୍ନ ସ୍ୱରୂପର ଅନ୍ୱେଷଣ କରି ତାକୁ ନିଜ ପୁସ୍ତକରେ ସାମିଲ କରିଥାନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ଏ ପର୍ଯ୍ୟନ୍ତ ଏପରି ପ୍ରାୟ ୧୦୦ ଖଣ୍ଡ ବହି ଲେଖିସାରିଲେଣି । ଏହାଛଡ଼ା ପେରୁମଲଜୀଙ୍କର ଆଉ ଏକ ଆଗ୍ରହ ରହିଛି । ତାମିଲନାଡୁର ମନ୍ଦିର ସଂସ୍କୃତି ସମ୍ପର୍କରେ ଗବେଷଣା କରିବା ତାଙ୍କର ବହୁତ ପସନ୍ଦ । ସେ ଚମଡ଼ା କଣ୍ଢେଇ ଉପରେ ମଧ ବହୁତ ଗବେଷଣା କରିଛନ୍ତି, ଯାହାର ଲାଭ ସେଠାକାର ସ୍ଥାନୀୟ ଲୋକକଳାକାରଙ୍କୁ ମିଳିଛି । ଶିବଶଙ୍କରୀଜୀ ଓ ଏ.କେ. ପେରୁମଲଜୀଙ୍କ ପ୍ରୟାସ ପ୍ରତ୍ୟେକଙ୍କ ପାଇଁ ଏକ ଉଦାହରଣ । ନିଜ ସଂସ୍କୃତିକୁ ସୁରକ୍ଷିତ ରଖୁଥିବା ଏଭଳି ପ୍ରତ୍ୟେକ ପ୍ରୟାସ ପାଇଁ ଭାରତ ଗର୍ବିତ, ଯାହା ଆମର ଜାତୀୟ ଏକତାକୁ ମଜଭୁତ କରିବା ସହିତ ଦେଶର ନାମ, ଦେଶର ମାନ, ସବୁକିଛିକୁ ବଢ଼ାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମହାନଦୀ ବାମପାର୍ଶ୍ୱ କେନାଲ ପିଁପୁରଠାରେ ଘାଇ: ଘଟଣାସ୍ଥଳରେ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତ ପାଇଁ ଚାଷୀଙ୍କ ମହଲରେ ଉତ୍ତେଜନା

ସାଲେପୁର , ୩୦/୧୦ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ତଥା ମହାନଦୀ ବ୍ୟାରେଜ ଅଧିନରେ ଥିବା ମହାନଦୀ ବାମପଟ କେନାଲର ବାବୁଜଙ୍ଗ ପଂଚାୟତ ଅଧିନ ପିଁପୁରକଠାରେ ପ୍ରାୟ ୫୦ ଫୁଟର ଘାଇ ହେବା ଦ୍ୱାରା ପନିପରିବା ଓ ଧାନ ଫସଲ ନଷ୍ଟ ହୋଇଥିବା ଜଣାଯାଇଛି । ସୂଚନା ଯୋଗ୍ୟ ଯେ ଏହି କେନାଲ ପାଇଁ ବର୍ଷକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯିବା ସହ ମାତ୍ର ୧ ବର୍ଷ ତଳେ କେନାଲର ଭିତର ପାଶ୍ୱର୍ରେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତର ୱାଲ୍ କରାଯାଇଥିଲା । କାର୍ଯ୍ୟଭାର ନେଇଥିବା ଠିକାଦାର ଓ ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଗତ ରାତିରେ ଘଳିଆ ପଡି କେନାଲ ବନ୍ଧରେ ଘାଇ ସୃଷ୍ଟି ହୋଇଥିଲା । ଚାଷ ପାଇଁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନାଲର କ୍ଷମତାଠାରୁ ଅଧିକ ଜଳପ୍ରବାହିତ ହେଉଥିବାରୁ ଏହା ଭାଙ୍ଗିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲା ବେଳେ ଘାଇ ଭାଙ୍ଗିବାର ୨୪ ଘଂଟା ବିତିଯାଇଥିଲେ ମଧ ଘଟଣାସ୍ଥଳକୁ ବିଭାଗୀୟ ଉଚ୍ଚପଦାଧିକାରୀ ନ ଆସିବା ଚାଷୀମାନଙ୍କର ଚିନ୍ତାର କାରଣ ହୋଇପଡିଛି । ତତ୍‌ସହିତ ଯୁଦ୍ଧକାଳିନ ଭିତିରେ କେନାଲ ବନ୍ଧକୁ ବନ୍ଧାଇବା ପାଇଁ ରାଜନୈତିକ ସ୍ତରରେ ଠିକାଦାର ନିଯୁକ୍ତ କରାଯାଇ ଘାଇକୁ ମରାମତି କରାଯାଉଥିଲେ ମଧ ତାହା ସନ୍ତୋଷ ଜନକ ହେଉନଥିବା ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ଯେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅନୁଦାନରେ ଚିତ୍ରୋତ୍ପଳା ମହାନଦୀ ଦୀପାଞ୍ଚଳରେ ଚାଷୀମାନଙ୍କ ଆବଶ୍ୟକ ପାଣି ଯୋଗାଇ ଦେବା ପାଇଁ ଶିଶୁଆଠାରେ ସାଇଫନ କମ୍ ବ୍ୟାରେଜ ନିର୍ମାଣ କରାଯାଇ ଗୁଆଳି ପାଖରୁ ମଣିଜଙ୍ଗ(ଚିତ୍ରୋତ୍ପଳା ଦକ୍ଷିଣପାଶ୍ୱର୍ କେନାଲ) ଓ ଗୁଆଳି ପାଖରୁ ତେଣ୍ଡାକୋଡା (ମହାନଦୀ ବାମ ପାଶ୍ୱର୍ କେନାଲ) ନିର୍ମାଣ କରାଯାଇଥିଲା । ଏହି କେନାଲର ରକ୍ଷଣାବେକ୍ଷଣା କରିବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଭାଗ ଖୋଲାଯାଇ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ହୋଇ ରାଜକୋଷରୁ କୋଟି କୋଟି ଟଙ୍କା ଦରମା ନେଉଥିଲା ବେଳେ କେନାଲରେ ହେଉଥିବା କାର୍ଯ୍ୟସୂଚୀକୁ କୈଣସି ସମୟରେ ଅଫିସରମାନେ ନଆସିବା ପରିତାପର ବିଷୟ ହୋଇଥିବା ବେଳେ ସରକାରଙ୍କ ଯୋଜନା ଫଳପ୍ରଦ ହେଉନଥିବା ଜଣାପଡିଛି । ଏହି ବିଭାଗକୁ ଆସୁଥିବା ଅର୍ଥ ଓ କର୍ମଚାରୀଙ୍କ ସଂପର୍କରେ ଉଚ୍ଚସ୍ତରୀୟ ତଦନ୍ତହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି କୃଷକ ନେତା ଗୌରାଙ୍ଗ ସାମଲ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ଶ୍ରୀ ସାମଲ ଚେତାବନୀ ଦେଇଛନ୍ତି ।

# କେନ୍ଦୁଝରରେ ପଥ ଉତ୍ସବ: ଗଣତନ୍ତ୍ରକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଭୋଟରଙ୍କର

କେନ୍ଦୁଝର , ୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଠାରେ ଜିଲ୍ଲା ପ୍ରଶାସନ ଓ କେନ୍ଦୁଝର ଉପଖଣ୍ଡ ପ୍ରଶାସନର ମିଳିତ ଆନୁକୂଲ୍ୟରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶନିବାର ଦିନ କେନ୍ଦୁଝର ଅଡିଟୋରିୟମ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ତାଙ୍କ ଉଦ୍‌ବୋଧନରେ ଗଣତନ୍ତ୍ରକୁ ସୁଦୃଢ କରିବାରେ ଭୋଟର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିବା ସହ ଭୋଟରମାନେ ହେଉଛନ୍ତି ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟ କହିଥିଲେ । ଭାରତୀୟ ଗଣତନ୍ତ୍ରକୁ ଆ ଗାମୀ ଦିନରେ ଅଧିକ ସୁଦୃଢ କରିବାରେ ଯୁବ ଭୋଟର ମାନେ ମହନୀୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏ କ୍ଷେତ୍ରରେ ଯେଉଁ ସାବାଳକ ମାନେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରି ନାହାଁନ୍ତି କିମ୍ବା ଯେଉଁମାନଙ୍କୁ ଆଗାମୀ ୨୦୨୪ ମସିହା ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ହେଉଥିବ ସେମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜିକରଣ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ମତଦାନ ଏକ ସାମ୍ବିଧାନିକ ଅଧିକାର ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ନାଗରିକ ଏହି ଅଧିକାର ସାବ୍ୟସ୍ତ କରିବାକୁ ଜିଲ୍ଲାପାଳ ଠାକରେ ଆହ୍ୱାନ ଦେଇଥିଲେ ଏବଂ ଜିଲ୍ଲାରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହାଲ ଏବଂ ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଏହି ସମାରୋହରେ ଉଦ୍‌ବୋଧନ ଦେଇ ଭାରତ ନିର୍ବାଚନ କମିଶନ ଓ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ଦ୍ୱାରା ପ୍ରେରିତ ମାର୍ଗଦର୍ଶିକା ଅନୁଯାୟୀ ଆୟୋଜିତ ପଥ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସାବାଳକ ମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜିକରଣ କରାଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ସଂପର୍କରେ ବିଶଦ ଭାବେ ଅବଗତ କରାଇଥିଲେ । ୧୮ ବର୍ଷ ହୋଇଥିବା ସାବାଳକ ଏବଂ ୨୦୨୪ ମସିହା ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ହେଉଥିବା ଯୁବକ ଯୁବତୀ ମାନଙ୍କ ନାମ ପଞ୍ଜିକରଣ ନିମନ୍ତେ ହେଉଥିବା ସଚେତନତା ସୃଷ୍ଟି ସଂପର୍କରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୪ ପ୍ରକ୍ରିୟା ଚଳିତ ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇଛି ଏବଂ ଏହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରକ୍ରିୟାରେ ନାମ ପଞ୍ଜିକରଣ ସହିତ ତୃଟି ସଂଶୋଧନ ଓ ସ୍ଥାନାନ୍ତରଣ ମଧ ହୋଇ ପାରିବ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟି କେନ୍ଦୁଝର ଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡେପୁଟି କଲେକ୍ଟର ନିର୍ବାଚନ ବିକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭିକ ସ୍ୱାଗତ ସମ୍ଭାଷଣ ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ କେନ୍ଦୁଝର ଅଡିଟୋରିୟମ ଠାରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଭୋଟର ସଚେତନତା ସଂପର୍କିତ ଶୀର୍ଷକ ଉପରେ ଚିତ୍ରକଳା ଓ ରଙ୍ଗୋଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

## ଟ୍ରକ୍ ସହିତ ୪୯୬ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ମାଲକାନଗିରି, ୩୦/୧୦ (ନି.ପ୍ର): କାଲିମେଳା ପୁଲିସ ହାବୁଡ଼ରେ ମହାରାଷ୍ଟ୍ର ଗଞ୍ଜେଇ ବେପାରୀ । ଅଭିନବ ଉପାୟରେ ହେଉଥିଲା ଗଞ୍ଜେଇ ଚାଲାଣ। ଫଳ ଟ୍ରେ ରେ ହେଉଥିଲା ଗଞ୍ଜେଇ ଚାଲାଣ। ଫଳ ବଦଳରେ ଟ୍ରେ ରେ ରହିଥିଲା ଶହ ଶହ କେଜି ଗଞ୍ଜେଇ। କୌଣସି ସୂତ୍ରରୁ ଖବର ପାଇ ଏକ ଆଇଚର ଟ୍ରକ ସହିତ ୪୯୬ କେଜି ଗଞ୍ଜେଇ ଜବତ କରିଛି କାଲିମେଳା ପୁଲିସ। ଟ୍ରକର ଡ୍ରାଇଭର ତଥା ଗଞ୍ଜେଇ ବେପାରୀ ମହାରାଷ୍ଟ୍ର ଲାଟୁର ଅଂଚଳର ଶେଖ ଅଫସାର ମେହେବୁବ୍‌କୁ ଗିରଫ କରିଛି। ୪୫୦ଟି ଫଳ ଟ୍ରେ ରେ ଗଞ୍ଜେଇ ସବୁ ପ୍ୟାକେଟ କରାଯାଇ କାଲିମେଳା ଭେଜାଙ୍ଗିବାଡ୍ଡା ଅଂଚଳରୁ ହାଇଦ୍ରାବାଦ ଚାଲାଣ ହେଉଥିବାର ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ

ମାଲକାନଗିରି, ୩୦/୧୦ (ନି.ପ୍ର):- ପ୍ରତିବର୍ଷ ଭଳି ଚଳିତବର୍ଷ ସ୍ଥାନୀୟ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଫୁଲ୍ଲ ନନ୍ଦ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଚିନ ପଟେଲ, ସହକାରୀ ଅଗ୍ନିଶମ ଅଧିକାରୀ କମଳ ଲୋଚନ ଗୌଡ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୂଜବଳ ଉପସ୍ଥିତ ଥିଲେ।

ଏହି ଅବସରରେ ଗୋଷ୍ଠୀ ସଶକ୍ତିକରଣ, ଗୋଷ୍ଠୀର ଆବଶ୍ୟକତା ଓ ଅସୁବିଧା ବିଷୟରେ ଆଲୋଚନା, ଗୋଷ୍ଠୀର ଉନ୍ନତି ଉପରେ ସରକାରଙ୍କ ହସ୍ତକ୍ଷେପ ରହିବା ଓ ଯୋଜନା ପ୍ରସ୍ତୁତି ଏବଂ ଗୋଷ୍ଠୀ ନିଜକୁ ସୁରକ୍ଷା ଦେବା ସହିତ ପରିବେଶ ସୁରକ୍ଷା ବିଷୟରେ ମନୋନିବେଶ କରିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଜିଲ୍ଲା ସ୍ତରୀୟ, ସମସ୍ତ ପଂଚାୟତ ସମିତି ଓ ସଦର ମହକୁମା( ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ) ରେ ପାଳନ କରାଯାଇଛି । ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ଓ ଅଭିଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ ଓ ଅଭିଭାଷଣ ପ୍ରତିଯୋଗିତା "ପୁନଃସକ୍ଷମଶୀଳ ଓଡ଼ିଶା ପାଇଁ ଗୋଷ୍ଠୀ ସଶକ୍ତିକରଣ" ଉପରେ ଆଧାରିତ ଥିଲା । ସଚେତନତା ବାର୍ତା ପ୍ରସାରଣ ବିଷୟରେ ସର୍ବସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାସ୍ତରରେ, ବ୍ଲକସ୍ତରରେ ଓ ୨ଟି ସହରାଚଂଳରେ ୨୯ ଅକ୍ଟୋବରରେ ଆୟୋଜିତ ହୋଇଯାଇଛି । ଜିଲ୍ଲା ସ୍ତରରେ ଆପଦ ମିତ୍ର ସ୍ୱେଚ୍ଛାସେବୀମାନେ ଏହି ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲାପରିଷଦ ପରିସର ପର୍ଯ୍ୟନ୍ତ ବିପର୍ଯ୍ୟୟ ପରିଚାଳନା ପାଇଁ ଭିନ୍ନ ଭିନ୍ନ ସ୍ଲୋଗାନରେ ଗୁଞ୍ଜରିତ ହୋଇଥିଲା। ସଚେତନତା ଶୋଭାଯାତ୍ରା ପରେ ପରେ ଆପଦ ମିତ୍ର ସ୍ୱେଚ୍ଛାସେବୀମାନେ ଜିଲ୍ଲାପରିଷଦ ପରିସରରେ ନିଜ ନିଜର ସାମର୍ଥ୍ୟ ଓ କୌଶଳ ଅବଲମ୍ବନ କରି କେମିତି ଜନ ଜୀବନ ଉଦ୍ଧାର କରାଯାଇପାରିବ ସେ ବିଷୟରେ ମାଲକାନଗିରି ଅଗ୍ନିଶମ ବାହିନୀଙ୍କ ସହିତ ମିଶି ପ୍ରଦର୍ଶନ କରିଥିଲେ। ଆଲୋଚନା ପରେ ବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ଓ ଅଭିଭାଷଣ କୃତି ପ୍ରତିଯୋଗିମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରଯାଇଥିଲା । ପରିଶେଷରେ ଜିଲ୍ଲା ଆପଦକାଳୀନ ଅଧିକାରୀ ଉମା ପ୍ରସାଦ ଦାଶ "ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡ଼ିଶା" ସ୍ଲୋଗାନ ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିବାରେ ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ ସ୍ୱାଇଁ ସହଯୋଗ କରିଥିଲେ।

## ବଲାଙ୍ଗୀର ଦିନ୍ ପାଇଁ ସିଲିକନ ଭ୍ୟାଲିରେ ରକ୍ତଦାନ ଶିବିର

ବଲାଙ୍ଗୀର, ୩୦/୧୦ (ନି.ପ୍ର): ବଲାଙ୍ଗୀର ଦିନ୍ ପାଇଁ ବଲାଙ୍ଗିର ସହର ସ୍ଥିତ ସାଲେପାଲିର ସିଲିକନ୍ ଭ୍ୟାଲି ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଲିକନ୍ ଭ୍ୟାଲି ସୋସାଇଟିର ସଭାପତି ମିଥୁନ ପଟ୍ଟନାୟକ ଓ ସଂପାଦକ ବିନୟ କୁମାର ଅଗ୍ରୱାଲାଙ୍କ ତତ୍ତ୍ୱାବଧାନ କାର୍ଯ୍ୟକ୍ରମରେ ବଲାଙ୍ଗିର ମ୍ୟୁନିସିପାଲିଟି ଚେୟାରମେନ ଲିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ନଭେମ୍ବର ୧ ତାରିଖ ବଲାଙ୍ଗିର ଦିନ୍ ପାଳନ ଉପଲକ୍ଷେ ହୋଇଥିବା ସମସ୍ତ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇବା ସହ ମହତ କାର୍ଯ୍ୟରେ ଯୋଗ ଦେଇଥିବା ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗିର ଦିନ୍ ର ଚେୟାରମେନ ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ୬୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରେ ସିଲିକନ ଭ୍ୟାଲି ର ଅନ୍ତବାସୀ ତଥା ଅନ୍ୟମାନେ ରକ୍ତଦାନ କରିଥିଲେ। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ ?ପିଟାଲର ରକ୍ତକେନ୍ଦ୍ରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସିଲିକନ ଭ୍ୟାଲି ସୋସାଇଟି ର କାର୍ଯ୍ୟକାରୀ ସଭ୍ୟ ଅଚ୍ୟୁତ ପୁରୋହିତ, ଦେବାଶିଷ ଦାସ, ରାଜେଶ୍ୱର ପଟ୍ଟନାୟକ, ରବିନ୍ଦ୍ର ସାହୁ, ସୁଧା ଦେବୀ, ରେଡକ୍ରସ କର୍ମୀ ରବିଚନ୍ଦ୍ର ପଶାୟତ, ବନମାଳୀ ମେହେର, ନିରଞ୍ଜନ ବିଶ୍ୱାଲ, ଦୁର୍ଯ୍ୟୋଧନ ପଶାୟତ, ଧ୍ରୁବଲ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ରେଡକ୍ରସ କର୍ମୀ ରାମନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମାହେଶ୍ୱରୀ ସଂଗଠନ ସଦର ବ୍ଲକର ସାଧାରଣ ବୈଠକ

ବଲାଙ୍ଗୀର, ୩୦/୧୦ (ନି.ପ୍ର): ଜଣାଶୁଣା ସାମାଜିକ ଅନୁଷ୍ଠାନ ମାହେଶ୍ୱରୀ ପକ୍ଷରୁ ଆଜି ସ୍ଥାନୀୟ ପିପି ଏକାଡେମୀ ଠାରେ ବଲାଙ୍ଗିର ବ୍ଲକ ଅଧିନରେ ଥିବା ପଂଚାୟତ ମାହେଶ୍ୱରୀର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ପଂଚାୟତ ସ୍ତରରେ କିଭଳି ଭାବରେ ଲୋକେ ଉପକୃତ ହେବେ ସେ ଦିଗରେ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଆଲୋଚନା କରିଥିଲେ। ଗ୍ରାମାଂଚଳରେ ଲୋକେ ଶିକ୍ଷିତ ହେବା ସହ ପଛଘୁଂଚା ନଦେଇ ବିଭିନ୍ନ ସମସ୍ୟା ଉପରେ କିଭଳି ସମାଧାନ କରିବେ ସେ ଉପରେ ମଧ ସମାଧାନ କରାଯାଇଥିଲା ଏବଂ ମହିଳା ସଶକ୍ତିକରଣ ପାଇଁ ପ୍ରତି ପଂଚାୟତରେ ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ଚାଷୀମାନଙ୍କ ସମସ୍ୟା ଉପରେ ମଧ ଗୁରୁତ୍ୱ ଦିଆଯିବ। ଏହି ବୈଠକରେ ସଦର ବ୍ଲକର କୁଡାସିଂହା, ଶିକାଛିଡା, ବିଡିଘାଟ, ମିର୍ଦ୍ଧାପାଲି, କୁଟୁମଡୋଳା ପଂଚାୟତର ସଂଯୋଜକ ଏବଂ ସହ ସଂଯୋଜକ ମଧ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସ ନ୍ୟାୟ ବିଭାଗ ଉପାଧ୍ୟକ୍ଷ ହେଲେ ରାକେଶ କୁମାର ସାହୁ

କୋରେଇ, ୩୦/୧୦ (ନି.ପ୍ର): ଓଡିଶା ପ୍ରଦେଶ ଯୁବ କଂଗ୍ରେସର ନ୍ୟାୟ ବିଭାଗ (ଲିଗାଲ ସେଲ)ର ଉପାଧ୍ୟକ୍ଷ ଭାବେ ରାକେଶ କୁମାର ସାହୁ ନିଯୁକ୍ତ ହୋଇଛନ୍ତି । ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ପକ୍ଷରୁ ଘୋଷଣା ପରେ ରାକେଶ ରାଷ୍ଟ୍ରୀୟ ଯୁବ କଂଗ୍ରେସ ନ୍ୟାୟ ବିଭାଗ ଅଧ୍ୟକ୍ଷ ରୂପେଶ ଏସ. ଭରଦ୍ୱାଜ, ବିଶ୍ୱରଂଜନ ମହାନ୍ତି, ଡକ୍ଟର ସ୍ମୃତି ରଂଜନ ଲେଙ୍କା, ପ୍ରଭାରୀ ମିଳନ ଗୌତମଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାକେଶ ପୂର୍ବରୁ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ । ଯାଜପୁର ଜିଲ୍ଲା ତଥା ପାଣିକୋଇଲି ଗ୍ରାମର ଶିକ୍ଷାବିତ୍ ରବିନ୍ଦ୍ର କୁମାର ସାହୁଙ୍କ ପୁତ୍ର ରାକେଶ ଏହି ପଦବୀ ପାଇବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ-୨୦୨୩ ପାଳିତ




ବାଲେଶ୍ୱର, ୩୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଆଜି ବିଶ୍ୱ ମିତ୍ୱ୍ୟୟିତା ଦିବସ-୨୦୨୩ ପାଳିତ ହୋଇଯାଇଛି ଓ ଉଲ୍ଲେଖ ଯୋଗ୍ୟ ଯେ, ଜନସାଧାରଣଙ୍କ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଏବଂ ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ସଞ୍ଚୟ କରିଲେ ଭବିଷ୍ୟତରେ ବ୍ୟକ୍ତିର ଆର୍ଥିକ ଅଭିବୃଦ୍ଧି ଘଟିବା ସହିତ ଜରୁରୀ ସମୟରେ କାମରେ ଆସିବ, ଏହି ବାର୍ତ୍ତା ହିଁ ବିଶ୍ୱ ମିତ୍ୱ୍ୟୟିତା ଦିବସର ମୂଳ ଉଦ୍ଦେଶ୍ୟ ଓ ଏହି ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଞ୍ଚୟ ରଥ ବାହାରି ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପରିକ୍ରମା କରିଛି ଓ ଏହି ରଥକୁ ସକାଳ ୧୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ତଥା ବିତ୍ତିୟ ସାକ୍ଷରତା ସମ୍ପର୍କରେ ସଚେତନ କରି ସହରର ବିଭିନ୍ନ ଅଞ୍ଚଳ ତଥା ଗ୍ରାମାଞ୍ଚଳର ବଜାର, ହାଟ ଓ ଛକରେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ଯୋଜନାର ମୁଦ୍ରିତ ପ୍ରଚାର ପତ୍ରିକା ବଣ୍ଟନ କରା ଯାଇଥିଲା ଓ ପ୍ରକାଶ ଥାଉ କି, ଆସନ୍ତା ଅକ୍ଟୋବର ୩୧ ତାରିଖଠାରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଆର୍ଥିକ ସାକ୍ଷରତା ଶିବିର, ବୃକ୍ଷରୋପଣ ତଥା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ସମ୍ମାନିତ ସଭା ଆଦି କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ଓ ଆଜିର ସଞ୍ଚୟ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ସହ ନିର୍ଦ୍ଦେଶକ-ସଞ୍ଚୟ ଓ ଆର୍ଥିକ ସେବା, ବାଲେଶ୍ୱର ଶ୍ରୀ ଜିତେନ୍ଦ୍ର ନାଥ ନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ମାନ୍ନା, ବରିଷ୍ଠ ରାଜସ୍ୱ ସହାୟିକା ଶ୍ରୀମତୀ ସ୍ୱର୍ଣ୍ଣପ୍ରିୟା ଦାସ, ବାସୁଦେବ କର ଏବଂ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାବୃନ୍ଦ ତଥା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## କରଦାରେ ରାବଣ ପୋଡ଼ି ଓ ଆତସବାଜୀ ପ୍ରତିଯୋଗିତା

କୋରେଇ, ୩୦/୧୦ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ହରିହାଟ ପଡିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ୮ମ ବାର୍ଷିକ ରାବଣପୋଡି ଓ ଆତସବାଜୀ ପ୍ରତିଯୋଗୀତା ରବିବାର ରାତ୍ରୀରେ ଅନୁଷ୍ଠିତ ହୋଇଯାଇଛି । ରାବଣ ପୋଡିରେ ଚଳିତ ବର୍ଷ ଆଶାତୀତ ଦର୍ଶକଙ୍କ ଭିଡ଼ ଜମିଥିଲା । ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ରାବଣ ପୋଡି ମହୋତ୍ସବରେ ସମାଜସେବୀ ତଥା ସାମାଜିକ କର୍ମୀ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ପକ୍ଷରୁ କରଦା ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାସଙ୍କ ଦ୍ୱାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ଭାବେ କରଦା ସରପଂଚ ଅନିମା ମଲିକ, ସମିତିସଭ୍ୟା ପଙ୍କଜିନୀ ସାହୁ, ବରିଷ୍ଠ ସମାଜସେବୀ ସନ୍ତୋଷ କୁମାର ବେହେରା, ଯୁବ ସମାଜସେବୀ କାର୍ତିକ ଚନ୍ଦ୍ର ମଲ୍ଲିକ, କରଦା ହରିହାଟ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଯୁବ ସାମ୍ବାଦିକ ପ୍ରଦୀପ କୁମାର ମାଝୀ ପ୍ରମୁଖ ଯୋଗଦେଇଥିଲେ । କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ସେନାପତି ଓ ସମ୍ପାଦକ ରମେଶ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋବର୍ଦ୍ଧନ ଜେନା ଓ ହଳଧର ଜେନାଙ୍କ ଦ୍ୱାରା ଆତସବାଜୀ ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ମନ ପସନ୍ଦର ଆତସବାଜୀ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା । ଶେଷରେ ମଠାଧିଶ ଓ ଅତିଥି ମାନଙ୍କ ଦ୍ୱାରା ରାବଣ ମୂର୍ତିରେ ଅଗ୍ନୀ ସଂଯୋଗ କରାଯାଇଥିଲା । ଆନନ୍ଦ କୁମାର ରଣା ଓ ଅନିରୁଦ୍ଧ ମଲିକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ କମିଟି ପକ୍ଷରୁ ଅଶୋକ କୁମାର ବେହେରା, ପ୍ରଶାନ୍ତ ଦାଶ ଓ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଆତସବାଜୀ ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**AFFIDAVIT**

An affidavit before the notary Executive Magistrate, Bhadrak, I, Tapan Kumar Ghosh alias Gobinda Ghosh, aged about 37 year, At- Samian, P.O.- Radhabalavpur, P.S.- Basudevpur Dist.-Bhadrak. Declare that in My LIC Policy Bearing No. 589494460 My name has been mentioned Tapan Kumar Ghosh But my Bank Passbook of Canara Bank My Name has been mentiond as Gobind Ghosh as per aadhar Card. So Tapan Kumar Ghosh and Gobinda Ghosh is Same and One Person. But in official work I want to chang my name From Tapan Kumar Ghosh to Gobinda Ghosh as per my Bank passbook for payment of LIC Policy. Henceforth I will be known as Gobidna Ghosh in all purpose.

**Mr. Gobidna Ghosh**

## ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା କର୍ମଚାରୀ ମଞ୍ଚ ମୟୂରଭଂଜ ମିଳିତ ସମାରୋହ



ବାରିପଦା, ୩୦/୧୦ (ନି.ପ୍ର): ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ମଞ୍ଚର ସଭାପତି ହିମାଂଶୁ ଶେଖର ଦାସଙ୍କ ପୌରହିତ୍ୟରେ ମଞ୍ଚର କାର୍ଯ୍ୟକାରିଣୀ କମିଟି ଏବଂ ସାଧାରଣ ସଦସ୍ୟ ସଦସ୍ୟାଙ୍କ ଏକ ମିଳିତ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଏଥି ମଧ୍ୟରେ ସ୍ୱର୍ଗାରୋହଣ କରିଥିବା ୰ କେଶବ ଚନ୍ଦ୍ର ସାହୁ, ୰ଗଲୋକ ଚନ୍ଦ୍ର ଦାସ ଏବଂ ୰ ଶିରୀଶ ଚନ୍ଦ୍ର ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ସୁଶ୍ରୀ ଭାରତୀ ଦେବର୍ତ୍ତାଙ୍କ ଜଗନ୍ନାଥ ଜଣାଣ ପରେ ଯଥାରୀତି ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସାଧାରଣ ସମ୍ପାଦକ ଅଶୋକ କୁମାର ପଲେଇ ମଞ୍ଚର ଉଦ୍ଦେଶ୍ୟ ଏବଂ ପରବର୍ତ୍ତୀ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ତଥା ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାର ଆଇନଗତ ଦିଗ ଉପରେ ଉପଦେଷ୍ଟା ଗଣେଶ ଚନ୍ଦ୍ର ପ୍ରଧାନ ଓ କୁଶ କିଶୋର ମହାନ୍ତି ଉପାଦେୟ ଦିଗ୍‌ଦର୍ଶନ ଦେଇଥିଲେ। ମଞ୍ଚର ସାଙ୍ଗଠାନିକ ଅଭିବୃଦ୍ଧି ଦିଗରେ ଉପ-ସଭାପତି ଭାଗବତ ପଣ୍ଡା, ସୁଦର୍ଶନ ପଣ୍ଡା ଓ ଜ୍ଞାନ ରନ ଦାଶ ସର୍ବପରି ମିଡିଆ ସଂଯୋଜକ ବାସୁଦେବ ବେହେରା ମୂଲ୍ୟବାନ ବିବୃତ୍ତିମାନ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ପ୍ରହ୍ଲାଦ ପ୍ରଧାନ, ଅଶ୍ୱନୀ କୁମାର ମହାପାତ୍ର ଏବଂ ପ୍ରଦୀପ କୁମାର ପାଣି ପ୍ରମୁଖ ସଂଗଠନକୁ ଦୃଢ କରିବା ଦିଗରେ ସ୍ୱକୀୟ ମତ ରଖିଥିଲେ। ମଞ୍ଚର କଳେବର ବୃଦ୍ଧି କରିବା ନିମନ୍ତେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରେ ବୈଠକ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥି ସହିତ ଜିଲ୍ଲା ଅନ୍ତର୍ଭୁକ୍ତ ବିଭିନ୍ନ ସ୍ଥାନରେ ରହୁଥିବା ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା ବିଭାଗୀୟ କର୍ମଚାରୀମାନେ ସ୍ୱେଚ୍ଛାପ୍ରଣୋଦିତ ଭାବେ ଆସି ମଞ୍ଚରେ ସାମିଲ ହୁଅନ୍ତୁ ବୋଲି ସମାରୋହ ବିନମ୍ର ଆହ୍ୱାନ ଜଣାଇଥିଲା। କାର୍ଯ୍ୟକ୍ରମ ମଧ୍ୟରେ ଅଜୟ କୁମାର ପାଳ, ପ୍ରଦୀପ କୁମାର ନାୟକ ଓ ଅଶୋକ କୁମାର ପଲେଇ ସ୍ୱରଚିତ କବିତାପାଠ କରି ସମସ୍ତଙ୍କୁ ଆନନ୍ଦିତ କରିଥିଲେ। ପରିଶେଷରେ ସଭାପତିଙ୍କ ଅଭିଭାଷଣ ଏବଂ କଷାଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

## ବାରିପଦାଠାରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ




ବାରିପଦା, ୩୦/୧୦ (ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ଏମେର୍ଜେନ୍ସି ଅପେରସନ ସେଣ୍ଟର ଆନୁକୂଲ୍ୟରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇ ଯାଇଛି. ଏହି ଅବସରରେ ସକାଳେ ବିଭିନ୍ନ ଶିକ୍ଷକ୍ଷନୁଷ୍ଠାନର ଛାତ୍ର ଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବିପର୍ଯ୍ୟୟ ସମୟରେ ଭୟଭୀତ ନହୋଇ ଯଥା ସମ୍ଭବ ଏହାକୁ ସାମ୍ନା କରିବା ପାଇଁ ଜନସାଧାରଣ ଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଏମର୍ଜେନ୍ସି ଟିମ ଏବଂ ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ରକ୍ଷା ତଥା ଉଦ୍ଧାର ସମ୍ବନ୍ଧରେ କଳା କୌଶଳ ପ୍ରଦର୍ଶନ କରିଥିଲେ। ଏହାପରେ ସଦଭାବନା ସଭାଗୃହ ଠାରେ ଜିଲ୍ଲା ଜରୁରୀ କାଳୀନ ବିଭାଗର ଡେପୁଟି କଲେକଟର ଦୁର୍ଗା ଚରଣ ମୁର୍ମୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଜିଲ୍ଲା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏବର୍ଷ ଦିବସ ପାଳନର ବିଷୟବସ୍ତୁ ସୁରକ୍ଷିତ ଓଡିଶା ପାଇଁ ଗୋଷ୍ଠୀ ସଶକ୍ତିକରଣ ଉପରେ ନିଜନିଜର ସୁଚିନ୍ତିତ ମତ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶାସନ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ଶୁଭାରମ୍ଭ

ମାଲକାନଗିରି, ୩୦/୧୦ (ନି.ପ୍ର): ଆଜିଠାରୁ ୫ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବ । ଏହି ଅବସରରେ ଆଜି ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ବ୍ଲକ ଗୁଡିକରୁ ଭିଡିଓ କନଫରେନସ ମାଧ୍ୟମରେ ଜଡିତ ହୋଇଥିବା ଅଧିକାରୀ, କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ । ମାଲକାନଗିରି ଜିଲ୍ଲାପାଳଙ୍କ ଓସ୍ୱାନ କକ୍ଷରେ ଜିଲ୍ଲାପାଳ ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ନୀତେଶ ୱାଧୱାନୀ ଓ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ମାନେ ଶପଥ ପାଠ କରିଛନ୍ତି । ସେହିପରି ଜିଲ୍ଲା ଭିଜିଲାନ୍ସ ୟୁନିଟ ମାଲକାନଗିରି ଠାରେ ଡିଏସପି ସଦାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଭିଜିଲାନ୍ସ କର୍ମଚାରୀଙ୍କ ଉପସ୍ଥିତିରେ ଶପଥ ପାଠ କରାଯାଇଛି ।ଜିଲ୍ଲାର ଅନ୍ୟାନ୍ୟ ସମସ୍ତ ବିଭାଗରେ ଆଜି ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରାଯାଇଛି।

## ପୁରୀ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ଶପଥ ପାଠ ଅନୁଷ୍ଠିତ

ପୁରୀ, ୩୦/୧୦ (ନି.ପ୍ର): ଚଳିତ ବର୍ଷ ଅକ୍ଟୋବର ୩୦ ତାରିଖ ଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଆଜି ପୂର୍ବାହ୍ନ ୧୦ଟା ୫୦ ମିନିଟ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସରକାର ଦୁର୍ନୀତି ପାଇଁ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବା ସହ ଫାଇଭ-ଟି ଓ ମୋ ସରକାର ମାଧ୍ୟମରେ ଦୁର୍ନୀତିକୁ ନିୟନ୍ତ୍ରଣ କରିବା ବ୍ୟବସ୍ଥା କରାଯାଇଛି। ଦୁର୍ନୀତି ନିବାରଣ କ୍ଷେତ୍ରରେ ସମଗ୍ର ଦେଶରେ ଓଡିଶା ଏକ ନମ୍ବର ହୋଇଛି ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଓସ୍ୱାନ କନଫେରେନ୍ସ ହଲ୍ ରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡଃ. ସୁରେଶ ଚନ୍ଦ୍ର ଦଳାଇ, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ସମସ୍ତ ଅଧିକାରୀ କର୍ମଚାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ ...

ଏହି ମାମଲାରେ ଆଜି ସୁପ୍ରିମକୋର୍ଟ ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିବା ବେଳେ ତା'ର କିଛି ଘଣ୍ଟା ପରେ କେଜ୍ରିୱାଲଙ୍କ ନିକଟକ ସମନ ପଠାଇଛି ଇଡି। ଏହି ମାମଲାରେ ପ୍ରାୟ ୩୩୮ କୋଟି ଟଙ୍କାର ଘୋଟାଲ ହୋଇଥିବା ଅଭିଯୋଗ ରହିଛି।

### ଅସହ୍ୟ ହେଲା ବାପା ଓ ସାବତ ....

୧୦ ବର୍ଷର ଝିଅକୁ ନିଜ ପାଖରେ ରଖିଛନ୍ତି। ନିଜ ପାଖରେ ରଖି ଦୁଇ ଛୁଆଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛନ୍ତି ସୁନୀଲ। ଦୁଇ ଛୁଆଙ୍କୁ ସେମାନଙ୍କ ସାବତ ମା' ବହୁତ ନିର୍ଯାତନା ଦେଉଛନ୍ତି। ଉଭୟଙ୍କୁ ନିସ୍ତୁକ ମାଡ଼ ମାରୁଛନ୍ତି। ସୁନୀଲ ବି ପିଟୁଛନ୍ତି। ଦୁଇ ଛୁଆ ଦୀର୍ଘ ଦିନ ଉଭୟ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଆସୁଥିବା ବେଳେ କଥାଟି ଆଜି ସାମ୍ନାକୁ ଆସିଛି। ବିସ୍କୁଟ୍ ଖାଇ ଦେବାରୁ ଦୁଇ ଭାଇଭଉଣୀଙ୍କୁ ନିସ୍ତୁକ ପିଟି ଥିଲେ ସେମାନଙ୍କ ସାବତ ମା'। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନ କଳା ପଡ଼ି ଯାଇଥିଲା। ଝିଅଟିର ମୁହଁରେ ବି ଲାଗିଥିଲା ଆଘାତ। ଅତ୍ୟାଚାର ଅସହ୍ୟ ହୋଇଯିବାରୁ ସେମାନେ ଆଜି ଘରୁ ଲୁଚି ପଳାଇ ଆସିଥିଲେ। ନିସ୍ତୁକ ମାଡ଼ ଯୋଗୁ ସେମାନଙ୍କ ହାତ, ମୁହଁ, ବେକ, ଗୋଡ଼ ଆଦିରେ ପଡ଼ିଥିବା ଦାଗ ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହୋଇଥିଲା। ସେମାନେ ପଚରା ପଚରି କରିବା ପରେ ପୂରା ମାମଲା ସାମ୍ନାକୁ ଆସିଥିଲା। ସ୍ଥାନୀୟ ଲୋକେ ଛୁଆ ଦୁଇଟିଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ୍ ଦୁଇ ଛୁଆଙ୍କ ସାବତ ମା'ଙ୍କୁ ଥାନାରେ ଅଟକ ରଖିଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଡାକ୍ତରଖାନା ପହଞ୍ଚି ଛୁଆ ଦୁଇଟିଙ୍କୁ ଦେଖିବା ସହିତ ଘଟଣା ସଂପର୍କରେ ପଚାରି ବୁଝିଥିଲେ। ଛୁଆ ଦୁଇଟିଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଛି ସେ ନେଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଛୁଆ ଦୁଇଟିଙ୍କ ବଡ଼ବାପା କହିଛନ୍ତି ଯେ ଉକ୍ତ ମହିଳା (ସାବତ ମା') ସମ୍ପତ୍ତି ପାଇଁ ସେମାନଙ୍କୁ (ଦୁଇ ଛୁଆଙ୍କୁ) ମାରି ଦେବାକୁ ଚାହୁଁଛନ୍ତି। ଉକ୍ତ ମହିଳାଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

### ରାଜଭବନରେ ରଘୁବର...

ରାଜଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସମେତ ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟ ସଚିବ ପ୍ରଦୀପ ଜେନା, ପୁଲିସ ଡିଜି ଏସ୍ କେ ବଂଶଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ସାକ୍ଷାତକାର ସମ୍ପର୍କିତ ଫଟୋକୁ ଶେୟାର କରିବା ସହ ରାଜ୍ୟ ତଥା ରାଜ୍ୟବାସୀର ନିରନ୍ତର ବିକାଶ ପାଇଁ ଶ୍ରୀ ଦାସଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି କହିଛନ୍ତି । ଶ୍ରୀ ଦାସ ପୁରୀରେ ମହାପ୍ରଭୁଙ୍କ ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଓଡ଼ିଶାବାସୀଙ୍କ ସେବା କରିବାକୁ ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେକରୁଛି । ନିଷ୍ପେଷିତ ବର୍ଗର ଲୋକଙ୍କ ସେବା କରିବା ପାଇଁ ତାଙ୍କୁ ଶକ୍ତି ଦେବାକୁ ସେ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି । ରାଜ୍ୟର ବିକାଶକୁ ସେ ସର୍ବୋଚ୍ଚ ପ୍ରାଥମିକତା ଦେବେ । ଓଡ଼ିଶାର ରାଜଭବନ ସର୍ବଦା ଲୋକଙ୍କ ପାଇଁ ଉନ୍ମୁକ୍ତ ରହିବ ବୋଲି ସେ କହିଛନ୍ତି । ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୪୫ମିନିଟରେ ରାଜଭବନରେ ଶପଥ ଗ୍ରହଣ ସମାରୋହ ପୂର୍ବରୁ ଶ୍ରୀ ଦାସ ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ରାଜଭବନର ଅଭିଷେକ ହଲରେ ଶ୍ରୀ ଦାସଙ୍କୁ ରାଜ୍ୟର ୨୬ତମ ରାଜ୍ୟପାଳ ଭାବେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ । ଶ୍ରୀ ଦାସଙ୍କ ଏହି ଶପଥ ସମାରୋହରେ ଯୋଗ ଦେବାକୁ ଝାଡ଼ଖଣ୍ଡରୁ ପ୍ରାୟ ୭୦-୮୦ଜଣ ତାଙ୍କ ନିକଟ ସମ୍ପର୍କୀୟ ଓ ଶୁଭେଚ୍ଛୁ ଓଡ଼ିଶା ଆସିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଅକ୍ଟୋବର ୧୮ତାରିଖରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଉପସଭାପତି ରଘୁବର ଦାସ ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବେ ରାଷ୍ଟ୍ରପତି ନିଯୁକ୍ତି ଦେଇଥିଲେ ।

### ବିଧାୟକଙ୍କ ଘରେ...

ସମୟରେ ତାଙ୍କର ପୂରା ପରିବାର ଘର ଭିତରେ ଥିଲେ। ସୌଭାଗ୍ୟବଶତଃ ପୂରା ପରିବାର ଓ କର୍ମଚାରୀ ଏଥିରୁ ବର୍ତ୍ତି ଯାଇଛନ୍ତି। ନିଆଁ ଲଗାଇବା ଯୋଗୁ ତାଙ୍କ ଘରର ଅନେକ କ୍ଷୟକ୍ଷତି ହୋଇଛି। ବ୍ୟାପକ ଧନ ସମ୍ପତ୍ତି ନଷ୍ଟ ହୋଇଛି। ମହାରାଷ୍ଟ୍ରରେ ଦୀର୍ଘ ଦିନ ଧରି ମରାଠା ଆରକ୍ଷଣ ଦାବିରେ ଆନ୍ଦୋଳନ ଜାରି ରହିଛି। ଏହାପୂର୍ବରୁ ମରାଠା ଆରକ୍ଷଣ ଆନ୍ଦୋଳନର ନେତା ମନୋଜ ଜରାଙ୍ଗେ ପାଟିଲ ଶନିବାର ଜାଲନା ଜିଲ୍ଲାରେ ଏକ ରାଲିର ଆୟୋଜନ କରିଥିଲେ। ଏଥିରେ ସେ ସିନ୍ଦେ ସରକାରଙ୍କୁ ୧୦ ଦିନର ଅଲ୍ଟିମେଟମ୍ ଦେଇଥିଲେ। ୧୦ ଦିନ ପରେ ସେ ବିଜୟ ଶୋଭାଯାତ୍ରା ଆରମ୍ଭ କରିବେ ବୋଲି କହିଥିଲେ।

### ନଭେମ୍ବର ୨୭ରୁ ...

ତେବେ ଭଲ ବ୍ୟବସାୟ ସହିତ ଲକ୍ଷାଧିକ ଲୋକଙ୍କ ସାମ୍ନାରେ ନିଜ ବ୍ୟବସାୟକୁ ପ୍ରଦର୍ଶନ କରିବାର ଏହା ବଡ଼ ସୁଯୋଗ ବୋଲି ବ୍ୟବସାୟୀ କହିଛନ୍ତି। ଦଶରା ଗଲା, ଆଗକୁ ଆସୁଛି ବାଲିଯାତ୍ରା। ହେଲେ ଏଯାଏ ଖୋଲିଲାନି କଟକ ଯୋବ୍ରା, ଷ୍ଟାଡିୟମ୍ ଅଞ୍ଚଳରେ ତିଆରି ହୋଇଥିବା ଶୌଚାଳୟ। ନିର୍ମାଣ ସରିବାର ୧୧ ମାସ ପରେ ମଧ୍ୟ ଶୌଚାଳୟ ଗୁଡ଼ିକରେ ଝୁଲୁଛି ତାଲା। ଲୋକଙ୍କ ସୁବିଧା ପାଇଁ ଯଥାଶୀଘ୍ର ଶୌଚାଳୟ ଖୋଲିବାକୁ ବାରମ୍ବାର ଦାବି ହୋଇଛି। ହେଲେ ସିଏମସି ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏପରକି 'ସୁବାସ' ସଂଗଠନ ପକ୍ଷରୁ ବାଲଟି-ମଗ ଧରି ପ୍ରତିବାଦ କରିବା ସହ ଶୌଚାଳୟ ସମ୍ମୁଖରେ ଯଜ୍ଞ କରାଯାଇଥିଲା। ତଥାପି ସିଏମସି ପକ୍ଷରୁ ଶୌଚାଳୟ ଉଦଘାଟନ କରଗଲାନି। ଯାହାକୁ ନେଇ ଯାତ୍ରୀମାନେ କ୍ଷୋଭ ପ୍ରକାଶ କରିଥିବା ବେଳେ ସିଏମସିର ଅପରାଗତାକୁ ଦାୟୀ କରିଛନ୍ତି ସୁବାସ ସଂଗଠନ କର୍ମକର୍ତ୍ତା। କଟକ ଯୋବ୍ରା, ଷ୍ଟାଡିୟମ ଓ ରିଂ ରୋଡ଼ ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟତ କରିଛନ୍ତି। ମେଡିକାଲଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ପାଇଁ ବ୍ୟସ୍ତବହୁଳ ରହିଥାଏ ଏହି ରାସ୍ତା। ହେଲେ ସାମାନ୍ୟତମ ଶୌଚାଳୟର ବ୍ୟବସ୍ଥା ନଥିବାରୁ ଶୌଚ କରିବାକୁ ସମସ୍ୟା ଭୋଗିଥାନ୍ତି ଲୋକ। ସେପଟେ କଟକ ମେୟର ସୁବାସ ସିଂ କହିଛନ୍ତି, ନିର୍ମାଣ କାମ ଶେଷ ହୋଇଛି। ମାତ୍ର ବିଦ୍ୟୁତ ସଂଯୋଗ ଓ ପାଣି ସୁବିଧା ହୋଇନି। ରକ୍ଷାଣବେକ୍ଷଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାର ବିଳମ୍ବ ହୋଇଛି। ଯଥାଶୀଘ୍ର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରି ଶୌଚାଳୟ ଖୋଲାଯିବ ବୋଲି କହିଛନ୍ତି କଟକ ମେୟର।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ



ନୀଳଗିରି , ୩୦/୧୦ (ନି.ପ୍ର): ସମଗ୍ର ବିଶ୍ୱରେ ଏବେ ବଢ଼ି ଚାଲିଛି ନାନାଦି ବ୍ୟଭିଚାର, ଅନୀତି, ଦୁର୍ନୀତି ଯୁଦ୍ଧ, ବିଭୀଷିକାର କରାଳ ରୂପ। ମାନବ ସମାଜକୁ ଏଭଳି ଘଡିସନ୍ଧି ସମୟରେ ରକ୍ଷାକରିବାକୁ ହେଲେ ବିଶ୍ୱଶାନ୍ତିର ଆବଶ୍ୟକତା ଅଛି । ଏହାକୁ ଉପଲକ୍ଷି କରି ନୀଳଗିରି ବ୍ରାହ୍ମଣ ସମାଜ ଅଣ୍ଟା ଭିଡ଼ିଛି। ନୀଳଗିରି ନଗର ଏବଂ ନୀଳଗିରି ବ୍ଲକର ବ୍ରାହ୍ମଣ ପଣ୍ଡିତ ମାନଙ୍କୁ ଗତ ରବିବାର ଅପରାହ୍ନ ୩ଘଟିକା ସମୟରେ ନୀଳଗିରି ସତ୍ୟସାଇ ପ୍ରାଙ୍ଗଣରେ ଜରୁରୀ ବୈଠକ ବସି ଆଗାମୀ ନଭେମ୍ବର ୧୮ଓ ୧୯ତାରିଖରେ ଧାର୍ଯ୍ୟ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବ୍ରାହ୍ମଣ ସମିତି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବୈଠକରେ ନଗର ବ୍ରାହ୍ମଣ ସମାଜ ସଭାପତି ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ , ଅରବିନ୍ଦ ପଣ୍ଡା, ପ୍ରଶାନ୍ତ ଚୌଧୁରୀ, ବ୍ରଜେଶ୍ୱର ନନ୍ଦ, ଗୋପୀନାଥ ପଣ୍ଡା, ଦାଶରଥି ମହାପାତ୍ର, ସୂର୍ଯ୍ୟକୁମାର ପାଣିଗ୍ରାହୀ, ରବିନାରାୟଣ ଆଚାର୍ଯ୍ୟ, ପିତାମ୍ବର ଷଡ଼ଙ୍ଗୀ, ମାଧବାନନ୍ଦ ପଣ୍ଡା ଜୟନ୍ତ କୁମାର ନନ୍ଦ, ହରିବନ୍ଧୁ କର, ଦେବାଶିଷ ଦ୍ୱିବେଦୀ, ପଞ୍ଚାନନ ପତି ପ୍ରମୁଖ ବହୁ ପଣ୍ଡିତ ଯୋଗଦାନ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇ ସୁରୁଖୁରୁରେ ଆଗାମୀ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ : ୧୦ ଆହତ

ସୁବର୍ଣ୍ଣପୁର, ୩୦/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ନିକଟରେ ଏକ ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଆଗ ଚକ (ବାମ ପାର୍ଶ୍ୱ ) ଟାୟାର୍ ଫାଟିଯିବାରୁ ରାସ୍ତା ପାର୍ଶ୍ୱ ବିଲ ମଧ୍ୟକୁ ପଶିଯାଇଛି ଏହି ବସ୍ । ଦୁର୍ଘଟଣାରେ ବସ୍ ରେ ଯାତ୍ରା କରୁଥିବା ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତି କରାଯାଇଛି । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତିନି ଜଣଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣାରେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ବସ୍ ଟି ବରଗଡ଼ରୁ ନବରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ଆଜି ସକାଳ ପ୍ରାୟ ୭ଟା ସମୟରେ ଡୁଙ୍ଗୁରିପାଲି ନିକଟରେ ଏହି ଦୁର୍ଘଟଣା ଘଟିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୋଡାଶୁଳ କାଳୀ ମନ୍ଦିର ପ୍ରତିଷ୍ଠା ପାଇଁ ପହଁଚିଲା ମା' କାଳୀଙ୍କ ବିଗ୍ରହ

ନୀଳଗିରି, ୩୦/୧୦ (ନି.ପ୍ର): ନୀଳଗିରି ବ୍ଲକ ପୋଡାଶୁଳ ଠାରେ ବହୁ ପ୍ରତୀକ୍ଷିତ ମା କାଳୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ବଉଳଗଡ଼ିଆରୁ ଆସିଲା ମା କାଳୀ ଓ ଶିବ ଙ୍କ ବିଗ୍ରହ। ଭଜନ, କୀର୍ତ୍ତନ କରି, ଶଙ୍ଖ ହୁଳହୁଳି ଦେଇ ଭାବପୂର୍ଣ୍ଣ ଭାବେ ଶହ ଶହ ଗ୍ରାମବାସୀ ଙ୍କ ଦ୍ୱାରା ବିରାଟ ଶୋଭାଯାତ୍ରାରେ ମା କାଳୀ ଓ ଶିବ ବିଗ୍ରହ ଅଣାଯାଇ ମନ୍ଦିରରେ ପହଁଚିଛି। ଆସନ୍ତା ନଭେମ୍ବର ୩, ୪ ଓ ୫ ତାରିଖରେ ତିନିଦିନ ଧରି ମାଙ୍କ ବିଗ୍ରହ ସ୍ଥାପନ, ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହେବ। ମା ଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ଚୂଡାନ୍ତ ପର୍ଯ୍ୟାୟରେ ମାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ। ନୟାଗଡ଼ର କାରିଗର ଙ୍କ ଦ୍ୱାରା ଖୁବ ସୁନ୍ଦର କାରୁକାର୍ଯ୍ୟ ଓ ଆକର୍ଷଣୀୟ କରାଯାଇଛି ମାଙ୍କ ମନ୍ଦିର । ୧୨ ତାରିଖରେ କାଳୀପୂଜା ଅବସରରେ ମେଳା, ମିନା ବଜାର ଓ ଯାତ୍ରା ରେ ଦୁଲୁକିବ ପୁରା ପରିବେଶ। ଲକ୍ଷାଧିକ ଲୋକଙ୍କ ସମାବେଶ ହେବ। ସେଥିପାଇଁ ମା କାଳୀ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି ବୋଲି କହିଛନ୍ତି କମିଟି ସଭାପତି ଭାସ୍କର ମିଶ୍ର ଓ ସମ୍ପାଦକ ଗୋପୀନାଥ ଶତପଥୀ। ଦୀର୍ଘ ୫୬ବର୍ଷ ଧରି ଅସ୍ଥାୟୀ ପୂଜା ପେଣ୍ଡାଲରେ ମା ଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜାପାଇ ଆସୁଥିବା ବେଳେ ଗତ କିଛିବର୍ଷ ପୂର୍ବରୁ ପୂଜା କମିଟିର ଉତ୍ସାହୀ କାର୍ଯ୍ୟକର୍ତ୍ତାଙ୍କ ପ୍ରଚେଷ୍ଟାରେ ତଥା ଗ୍ରାମବାସୀଙ୍କ ଆଗ୍ରହରେ ଏକ ସ୍ଥାୟୀ ମନ୍ଦିର ନିର୍ମାଣ କରି



ମା ଙ୍କ ପ୍ରାଣ ପ୍ରତିଷ୍ଠା କରିବାର ସଂକଳ୍ପ ପୂରଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆରମ୍ଭ




ପାରାଦୀପ, ୩୦/୧୦ (ନି.ପ୍ର): କେନ୍ଦ୍ରୀୟ ସତର୍କତା କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରାଦୀପ ବନ୍ଦର ପକ୍ଷରୁ ଅକ୍ଟୋବର ମାସ ୩୦ ତାରିଖରୁ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପି ସତର୍କତା ସଚେତନତା ସପ୍ତାହ କାର୍ଯ୍ୟକ୍ରମ ପାଳିତ ହେବ । ଏହି ଅବସରରେ ପାରାଦୀପ ସହରରେ ଏହି ବାର୍ତ୍ତାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପକ୍ଷରୁ ଏକ ସୋମବାର ଦିନ ସକାଳେ ଏକ ଶୋଭାଯାତ୍ରା ପାରାଦୀପ ବସଷ୍ଟାଣ୍ଡରୁ ବାହାରିଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷର ବାର୍ତ୍ତା ହେଉଛି ସେ ନୋ ଟୁ କରପସନ୍ , କମିଟ୍ ଟୋ ଦି ନେସନ । ଏହା ପରେ ବନ୍ଦର ପ୍ରଶାସନିକ ଭବନ ମୁଖ୍ୟ ଦ୍ୱାର ନିକଟରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଏକ ସଚେତନତା ରଥ ପାରାଦୀପ ସହରାଂଚଳରେ ବୁଲି ଜନସାଧାରଣଙ୍କୁ ସଚେତନ କରିବ । ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କାନମାସ ପକ୍ଷରୁ ଏକ ସଚେତନତାମୂଳକ କ୍ଷୁଦ୍ରନାଟକ ପରିବେଶିତ ହୋଇଥିଲା । ଏହି ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ନୂଆପଡ଼ାରେ ଚାଞ୍ଚଲ୍ୟ: ୮ ବର୍ଷର ବାଳକକୁ ଝାମ୍ପି ନେଲା ବାଘ

ନୂଆପଡ଼ା, ୩୦/୧୦ (ନି.ପ୍ର): ଏକ ୮ ବର୍ଷର ବାଳକକୁ ଝାମ୍ପି ନେଲା କଲରାପତରିଆ ବାଘ। ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ କଟିଙ୍ଗପାଣି ଗାଁ ଗୋଧସପଡ଼ାରେ ଘଟିଛି ଏହି ଅଘଟଣ। ମୃତ ବାଳକର ନାଁ ଡମ୍ବରୁଧର ଧରୁଆ। ଆଜି ସନ୍ଧ୍ୟାରେ ସେ ଘର ପାଖରେ ଖେଳୁଥିବା ବେଳେ ତାକୁ ବାଘ ଝାମ୍ପି ନେଇଥିଲା। ଗାଁ ଲୋକଙ୍କ ସହାୟତାରେ ପରିବାର ଲୋକେ ବାଘକୁ ଗୋଡ଼ାଇ ଥିଲେ। ଏକ ଗୁମ୍ଫାରୁ ବାଘଠାରୁ ଶିଶୁଟିକୁ ଉଦ୍ଧାର କରିଥିଲେ ସେମାନେ। ତେବେ ଘରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଘଟଣା ସଂପର୍କରେ ଖବର ପାଇବା ପରେ ବନଜନ୍ତୁ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚିଥିଲେ। ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡ଼ା ପଠାଯାଇଛି। ରାତି ପ୍ରାୟ ୯ଟା ସୁଦ୍ଧା କଟିଙ୍ଗପାଣି ଗାଁ ଗୋଧସପଡ଼ାର ଡମ୍ବରୁଧରଙ୍କ ଘର ପାଖାପାଖି ଦୁଇଟି ବାଘ ବିଚରଣ କରୁଥିବା ଜଣାପଡ଼ିଛି।

# 'ସମୟର ଚକ୍ର'ର ଶାରଦୀୟ ସଂଖ୍ୟା ପ୍ରକାଶିତ



ବାଲେଶ୍ୱର, ୩୦/୧୦ (ନି.ପ୍ର): ବାଲେଶ୍ୱର ସହରରୁ ନିୟମିତ ଭାବେ ପ୍ରକାଶିତ ହେଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା 'ସମୟର ଚକ୍ର' ର ୧୨ତମ ବାର୍ଷିକ ଶାରଦୀୟ ଉତ୍ସବ ଓ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ୨୦୨୩ ନୂଆସାହି ସ୍ଥିତ କାଳୀଦାସପୁର ଠାରେ ଥିବା ଉତ୍କଳବାଣୀ କଲଚୁରାଲପ ସେଣ୍ଟରର ପରିସରରେ ଅନୁଷ୍ଠିତ ହୋଇଯାଇଛି ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଉଦ୍ଘାଟକ ବ୍ରିଟ ଚେୟାର ମ୍ୟାନ ଆଲୋକ ସାହୁ ମୁଖ୍ୟଅତିଥି 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା ମୁଖ୍ୟବକ୍ତା ସମାଜସେବୀ ବିକ୍ରମ ପଣ୍ଡା ବରେଣ୍ୟ ଅତିଥି ଗାଳ୍ପିକ ଶାନ୍ତନୁ ପଟନାୟକ ସମ୍ମାନିତ ଅତିଥି ଅଭିନନ୍ଦନ ପତ୍ରିକାର ସମ୍ପାଦକ ଜଗଦୀଶ ମିଶ୍ର, ସାମ୍ବାଦିକ ଯାଦବେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଦିବସ ବ୍ୟାପୀ ସମାଜସେବୀ ମନୋଜ ନାୟକ ଙ୍କ ତତ୍ତ୍ୱାବଧାନରେ କୁନି କୁନି ପିଲା ମାନଙ୍କ ମଧ୍ୟରେ ସଂଗୀତ ଓ ନାଚ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ପାଦିକା ସତ୍ୟଭାମା ଜେନା ସମ୍ପାଦକୀୟ ପାଠ କରିଥିବା ବେଳେ ବିଭିନ୍ନ ଦିଗରେ ସମ୍ବର୍ଦ୍ଧିତ ପ୍ରତିଭା ମିନା ମହାନ୍ତି,ପିତାମ୍ବର ଦାସ, ଅରୁଣ ହୋତା, ରବିରଞ୍ଜନ ତ୍ରିପାଠୀ, ରମାକାନ୍ତ ବେଜ, ଦୟାନିଧି ମିଶ୍ର ଦେବାଶିଷ ସ୍ମୃତି କମିଟି, ପ୍ରଜ୍ଞା ପରମିତା ମହାନ୍ତି, ଦୁଷ୍ମନ୍ତ ଦାସ, ଗୋପିନାଥ ପାଣିଗ୍ରାହୀ ପ୍ରମୁଖ ପ୍ରତିଭା ଧର ଏବଂ ଜଜ ଭାବେ କରଓଗ୍ରାଫର ଅନୁପମ ସାର ମନୋଜ ମୁଖି ପ୍ରଭାତ କୁମାର ଆଚାର୍ଯ୍ୟ ସାର ପ୍ରମୁଖ ସମ୍ମାନିତ ହୋଇଥିଲେ। ପରିଶେଷରେ ସମ୍ପାଦକ ସର୍ବେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

## ଭି.ସି. ଜରିଆରେ ମୁଖ୍ୟମନ୍ତ୍ରୀ କରାଇଲେ ଶପଥ ପାଠ

ଭଦ୍ରକ , ୩୦/୧୦ (ନି.ପ୍ର): ଅକ୍ଟୋବର ୩୦ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆଜି ଶପଥ ପାଠ ଉତ୍ସବ କାର୍ଯ୍ୟକ୍ରମରୁ ଆରମ୍ଭ କରାଯାଇଛି। ଏଥି ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭି.ସି. ଜରିଆରେ ସମସ୍ତ ଜିଲ୍ଲା ଓ ବ୍ଲକ୍ ମାନଙ୍କରେ ଅଧିକାରୀ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଭଦ୍ରକ ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲରେ ଏହି ଶପଥପାଠ ଉତ୍ସବ ପାଇଁ ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ୍ଡୁ, ଅତିରିକ୍ତ ଏସ୍.ପି. ବାମଦେବ ସିଂ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି,




ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ମଧ୍ୟ ଏହି ଶପଥପାଠ କରାଯାଇଥିଲା। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନ୍‌ର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନେବାନାହିଁ କି ଦେବାନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନ ସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବା ଆଦି ବାକ୍ୟ ପଠନ ମାଧ୍ୟମରେ ଏହି ଶପଥ ପାଠ କରାଯାଇଥିଲା। ସୂଚନା ଯୋଗ୍ୟ କି ଏହି ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପଦଯାତ୍ରା ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବା ସହ ପୁରସ୍କାର ବିତରଣ ଓ ସଚେତନତା ପାଇଁ ସାଧାରଣସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ସାହିତ୍ୟିକ ପୀତାମ୍ବର ଦାସ ସମ୍ବର୍ଦ୍ଧିତ





ବାଲେଶ୍ୱର, ୩୦/୧୦ (ନି.ପ୍ର): ଗତ ୨୯ ତାରିଖ ଦିବସବ୍ୟାପୀ ଜଳେଶ୍ୱରର ଦୀନକୃଷ୍ଣ ସ୍ମୃତି ପରିଷଦର ସାରସ୍ୱତ ବିଜୟା ମିଳନ ପାଳନ ଅବକାଶରେ ଓଡ଼ିଶାର ଅନ୍ୟତମ ବିଶିଷ୍ଟ ତଥା ବରିଷ୍ଠ କବି, ନାଟ୍ୟକାର, ଗାଳ୍ପିକ, ଗୀତିକାର ପୀତାମ୍ବର ଦାସ ସମ୍ବର୍ଦ୍ଧିତ ହୋଇଥିବା ବେଳେ ବାଲେଶ୍ୱରରୁ ପ୍ରକାଶିତ 'ସମୟର ଚକ୍ର' ପତ୍ରିକା ପକ୍ଷରୁ କାଳିଦାସପୁରସ୍ଥ ଉତ୍କଳବାଣୀ କଲଚୁରାଲ୍ ସେଣ୍ଟରରେ ଆୟୋଜିତ ବିଜୟା ମିଳନ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଦାସଙ୍କୁ 'ଶ୍ରେଷ୍ଠ ଶିଶୁ ସାହିତ୍ୟିକ ସମ୍ମାନ' ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ଦାସ ପ୍ରାପ୍ତ ହୋଇଥିବା ସମ୍ବର୍ଦ୍ଧନା ଓ ସମ୍ମାନ ପାଇଁ ତାଙ୍କ ଶୁଭେଚ୍ଛୁ ଓ ଅନ୍ତରଙ୍ଗ ବନ୍ଧୁମାନଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି।

## ଚମ୍ପୁଆରେ ୧୯ ଟିକିଆ ହାତୀ ପଲର ଉପଦ୍ରବ: ଘର ଭାଙ୍ଗିଲା ହାତୀ

ଚମ୍ପୁଆ, ୩୦/୧୦ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନ ଅଂଚଳକୁ ମୟୁରଭଞ୍ଜ ପଟୁ ପଶିଆସି ଥିବା ୧୯ ଟିକିଆ ହାତୀ ପଲ ଜାଲି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। ହାତୀ ପଲ ଜାଲି ଗ୍ରାମର ଅନନ୍ତ ନାଏକଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ଦେଇଥିବା ସହିତ ଗ୍ରାମରେ ଧାନ କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିଲେ। ଗତକାଲି ମୟୁରଭଞ୍ଜ ପଟୁ ବୈତରଣୀ ପାର ହୋଇ ଜାଲି ଜଙ୍ଗଲରେ ପ୍ରବେଶ କରିଥିଲେ ଏହି ହାତୀ ପଲ। ଜଙ୍ଗଲ ବିଭାଗର ବ୍ୟାପକ ପଦକ୍ଷେପ ସତ୍ତ୍ୱେ ହାତୀ ପଲ ଜାଲି ଛାଡି ନଥିବାରୁ ଏହାକୁ ନେଇ ଆଖପାଖ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି।

## ରାଧାଦାମୋଦର ପୂଜାରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀ, ୩୦/୧୦ (ନି.ପ୍ର): ପବିତ୍ର ତୀର୍ଥକ୍ଷେତ୍ର ଶ୍ରୀକ୍ଷେତ୍ର । ଧର୍ମମାସ କାର୍ତ୍ତିକ । କାର୍ତ୍ତିକ ମାସରେ ରାଧାଦାମୋଦର ପୂଜା କଲେ ଅନେକ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଦ୍ୱାପର ଯୁଗରେ ଗୋପୀମାନେ ଏହି ପୂଜା କରୁଥିଲେ । ଶ୍ରୀମନ୍ଦିରରେ ଏକ ମାସ ଧରି ଶ୍ରୀଜୀଉମାନଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି । କାର୍ତ୍ତିକରେ ଶେଷ ପାଂଚଦିନ ପଂଚୁକରେ ମହାପ୍ରଭୁଙ୍କର ପାଂଚଦିନ ଯାକ ବିଭିନ୍ନ ବେଶ ଅନୁଷ୍ଠିତ ହେବ । ମହାପ୍ରଭୁଙ୍କୁ ଦର୍ଶନ, କାର୍ତ୍ତିକ ପୁରାଣ ଶ୍ରବଣ, ପଂଚତୀର୍ଥରେ ସ୍ନାନ, ଚଉରା ମୂଳରେ ରାଧାଦାମୋଦର ପୂଜା, ହବିଷ୍ୟାଅନ୍ନ ପାଳନ ଓ ସଂଧ୍ୟାରେ ଆକାଶଦୀପ ପୂଜା କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ହଜାର ହଜାର ସଂଖ୍ୟାରେ ହବିଷ୍ୟାଳୀଙ୍କ ଆଗମନ ହୋଇଛି ।

# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍ଘାଟନ ହେଲା ଏସ. ପି (ଭିଜିଲାନ୍ସ) ବାଲେଶ୍ୱର ନୂତନ କାର୍ଯ୍ୟାଳୟ

ବାଲେଶ୍ୱର , ୩୦/୧୦ (ନି.ପ୍ର): ସ୍ଥାନୀୟ ପଦ୍ମୁଆଁପଦା ଠାରେ ଏସ. ପି (ଭିଜିଲାନ୍ସ), ବାଲେଶ୍ୱରଙ୍କ ନୂତନ କାର୍ଯ୍ୟାଳୟ ଆଜି ପୂର୍ବାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଶୁଭ ଉଦ୍ଘାଟନ ହୋଇ ଯାଇଛି ।ପୂର୍ବାହ୍ନ ୧୧ ଘଟିକାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଉପସ୍ଥିତ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କୁ




ସମାଜ ପାଇଁ ଉଦ୍ଦିଷ୍ଟ ସାଧୁତାର ଶପଥ ପାଠ କରାଇଥିଲେ ଏବଂ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉପଦେଶ ଦେଇଥିଲେ। ଏହି ସଭାରେ ଶ୍ରୀ ହିମାଂଶୁ କୁମାର ଲାଲ (ଭା.ପୁ.ସେ), ପୂର୍ବାଞ୍ଚଳ ଆଇ.ଜି, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ଶ୍ରୀମତୀ ସାଗରିକା ନାଥ, ଆରକ୍ଷୀ ଅଧିକ୍ଷକ (ଭିଜିଲାନ୍ସ), ବାଲେଶ୍ୱର ଡିଭିଜନ ଶ୍ରୀ ନରହରି ନାୟକଙ୍କ ସମେତ ବାଲେଶ୍ୱର ପୋଲିସ ବିଭାଗ ତଥା ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆଜି ବାଲେଶ୍ୱର କଲେକ୍ଟୋରେଟ୍ ପରିସରରେ ସକାଳ ଘ. ୧୧ ଟା ସମୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୩୦ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ଦୁର୍ନୀତିକୁ ବିରୋଧ କରିବା; ରାଷ୍ଟ୍ର ପ୍ରତି ସମର୍ପିତ ରହିବା" ଓ ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀବୃନ୍ଦଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ ଓ ଏହି ଶପଥ ପାଠ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଅଂଶସ୍ୱରୂପ ସଚେତନତା ରାଲି, ପ୍ରଭାତ ଫେରି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଆଦି ଅନୁଷ୍ଠିତ କରିବାର ବ୍ୟବସ୍ଥା କରାଯାଇଛି ଓ ଅକ୍ଟୋବର ୩୧ ଓ ନଭେମ୍ବର ୨ ତାରିଖ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସହାୟତାରେ ' ମାରାଥନ୍ ' ଓ ' ୱାକଥନ୍ ' ସଚେତନତା ରାଲି ଆୟୋଜନ କରାଯିବ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ଆନୁକୂଲ୍ୟରେ ନଭେମ୍ବର ୧ ତାରିଖରେ ସଚେତନତା ରାଲି ଆୟୋଜିତ କରାଯିବ ଯେଉଁଥିରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେବେ ଓ ଲାୟନ୍ସ କ୍ଲବ୍ ଦ୍ୱାରା ନଭେମ୍ବର ୩ ତାରିଖ ଏବଂ ରୋଟାରି କ୍ଲବ୍ ଦ୍ୱାରା ନଭେମ୍ବର ୪ ତାରିଖରେ ସଚେତନତା ରାଲି ଆୟୋଜନ କରାଯିବ ଓ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଆସନ୍ତା ନଭେମ୍ବର ୫ ତାରିଖରେ ଗାନ୍ଧୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ଉଦ୍ଯାପନୀ ସମାରୋହରେ ସାଂସ୍କୃତିକ ଦଳଙ୍କୁ ନିୟୋଜିତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଉଦ୍ଯାପନୀ ସମାରୋହରେ ପୁରସ୍କୃତ କରାଯିବ ।

## 'ଧୁମୁସା - ୨୦୨୩'ର ମହକରେ ମହକି ଉଠିବ ଉଦଳା




ଉଦଳା , ୩୦/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ 'ଧୁମୁସା-୨୦୨୩' ଆସନ୍ତା ଡ଼ିସେମ୍ବର ୧୫ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟ' ୩ ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଆଜି ଅକ୍ଟୋବର ୩୦ ତାରିଖ ସୋମବାର ଦିନ କପ୍ତିପଦା ଉପଜିଲ୍ଲାପାଳ ସୁଶା' କୁମାର ବାରିକଙ୍କ ଅଧ୍ୟକ୍ଷତାରେ ସ୍ଥାନିୟ ସନ୍ଧାନ ଗୃହ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଡ଼େଇ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରିଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ସ୍ୱେଚ୍ଛାସେବି ସଂଗଠନ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ପ୍ରଦର୍ଶନି ଷ୍ଟଲ ଖୋଲାଯିବା ସହ ନିୟମିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ମରଣିକା ପ୍ରକାଶନ ହେବ ବୋଲି ନିଷ୍ପତି ନିଆଯାଇଛି । କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଢ଼ଙ୍ଗରେ ପରିଚାଳନା କରିବା ପାଇଁ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଆଜିର ବୈଠକ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo